# ଚାଙ୍ଗୁଡ଼ିଆ ଗାଁ ଦେଇ ଭାରୀଯାନ ଚଳାଚଳକୁ ତୀବ୍ର ବିରୋଧ

ଛେଣ୍ଡିପଦା, ୭ ।୨(ସମିସ)

ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା ଚାଙ୍ଗୁଡ଼ିଆ ଗାଁରେ ଭାରୀଯାନ ଚଳାଚଳକୁ ତୀବ୍ର ବିରୋଧ ପାଇଁ କଡ଼ା ନିଷ୍ପତ୍ତି ନେଇଛନ୍ତି ଗ୍ରାମବାସୀ। ଚାଙ୍ଗୁଡ଼ିଆ ଗ୍ରାମ ଦେଇ କୋଶଳା ଓ ଛେଣ୍ଡିପଦାରୁ କଣିହାଁ ଅଞ୍ଚଳକୁ ପୂର୍ତ୍ତ ବିଭାଗ ରାସ୍ତା ସଂଯୋଗ କରୁଛି। ଏହି ରାସ୍ତାର ଉଭୟ ପାର୍ଶ୍ୱରେ ଜନବସତି ଥିବା ବେଳେ ରାସ୍ତାରେ ବାଲି ଓ ପାଉଁଶ ବୋଝେଇ ହାଇୱା ଚଳାଚଳ କରୁଛି। ଫଳରେ ଗ୍ରାମବାସୀ ଯାତାୟାତରେ ଅସୁବିଧା ଭୋଗୁଛନ୍ତି। ଅନ୍ୟପଟେ କଣିହାଁ ଅଞ୍ଚଳରେ ଥିବା କଳକାରଖାନାକୁ ଛେଣ୍ଡିପଦାରୁ କୋଇଲା ପରିବହନ ପାଇଁ ମସୁଧା ଚାଲିଛି। ଏନେଇ ଚାଙ୍ଗୁଡ଼ିଆ ଗ୍ରାମ ସଭାପତି ରତ୍ନାକର ପ୍ରଧାନଙ୍କ ନେତୃତ୍ୱରେ ଗ୍ରାମ କୋଠଘରେ ଗ୍ରାମବାସୀଙ୍କୁ ନେଇ ଏକ ଜରୁରୀ ବୈଠକ ବସିଥିଲା। ଗ୍ରାମଦେଇ କୋଇଲା ପରିବହନ ହେଲେ ଗ୍ରାମର ପରିବେଶ ନଷ୍ଟ ହେବା ସହ ଧନଜୀବନ ମଧ୍ୟ କ୍ଷତିହେବ। ଏପରିକି ଅଞ୍ଚଳରେ ପ୍ରଦୂଷଣ ବଢ଼ିବା ସହ ଧୂଳିଧୂଆଁରେ ରୋଷଇ କରିବା ମଧ୍ୟ ସମ୍ଭବ ହେବନାହିଁ। ତେଣୁ ଗ୍ରାମବାସୀ ଗ୍ରାମରେ ଭାରୀଯାନ ଚଳାଚଳକୁ ବିରୋଧ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଗାଁ କୋଠଘରଠାରେ ଲୋକ ଜଗିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏନେଇ ପ୍ରଶାସନକୁ ଗ୍ରାମବାସୀ ଅବଗତ କରିବେ। ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ ଗାଁକୁ ସୁରକ୍ଷା ଦେବେ ଏବଂ ଗାଁ ଦେଇ କୌଣସି ଭାରୀଯାନ ଚଳାଇ ଦେବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। ବୈଠକରେ ଗାଁର ୨ଶହରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ସାମିଲ ହୋଇଥିଲେ।



## ● ବାସି ଖାଦ୍ୟ ଓ ଜରି ଖାଇ ମୃତ୍ୟୁମୁଖରେ ପଡୁଛନ୍ତି ଗୋବଂଶ

# ଦୁଇ ମାସରେ ୭୦ରୁ ଉର୍ଦ୍ଧ୍ୱ ଗୋରୁ ମୃତ



ଅନୁଗୋଳ, ୭ ।୨(ସମିସ): ଅନୁଗୋଳରେ ଗୋଶାଳା ନ ଥିବାରୁ ରାସ୍ତାଘାଟ ଚାରିଆଡ଼େ ବୁଲା ଗୋରୁଙ୍କ ଉତ୍ପାତ ଦେଖିବାକୁ ମିଳୁଛି। ଅନେକ ଗୋରୁ ଟ୍ରକ୍ ଧକ୍କାରେ ମରୁଥିବା ବେଳେ ଆଉ କିଛି ବାହାଘର, ବ୍ରତ, ଏକାଦଶାହରେ ବଳୁଥିବା ଖାଦ୍ୟ ଖାଇ ଅସୁସ୍ଥ ହେବା ପରେ ମରୁଛନ୍ତି। କିଛି ଗୋରୁ ପଲିଥିନ ଖାଇ ମଧ୍ୟ ମରୁଥିବା ଜଣାପଡ଼ିଛି। ଅନୁଗୋଳ ପୌରପାଳିକାର ରିପୋର୍ଟ ଅନୁସାରେ ଗତ ଦୁଇ ମାସରେ ୭୦ରୁ ଅଧିକ ଗୋରୁଙ୍କ ମୃତ୍ୟୁ ଘଟିଛି। ଏନେଇ ଅନୁଗୋଳ ଭିଏସ ପଲ୍ଲବୀ ଦାସ କହିଛନ୍ତି, ଏବର୍ଷ ଶୀତରେ ଗୋରୁଙ୍କୁ କୌଣସି ସଂକ୍ରାମକ ରୋଗ ହେବାର ନଜିର ନାହିଁ। ତେଣୁ ଏତେ ସଂଖ୍ୟାରେ ଗୋରୁ ବାସିଖାଦ୍ୟ ଖାଇ ବ୍ଲୋଟ କାରଣରୁ ମରିଥିବେ ନତୁବା ଜରି ଖାଇ ମରିଥିବେ। ଏହି କଥାକୁ ସମର୍ଥନ କରିଛନ୍ତି ଓୟୁଏଟିର ଡାକ୍ତର ମୋହିତ ତ୍ରିପାଠୀ। ଅନୁଗୋଳ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ ଏ ସମ୍ପର୍କରେ କହିଛନ୍ତି, ଆମେ ଗୋରୁ ମରିବା ସୂଚନା ପାଇଲେ ମୃତଶରୀରକୁ ନେଇ ନିୟମ ଅନୁସାରେ ଅଞ୍ଚଳରେ ପୋତୁଛୁ। ଏତେ ସଂଖ୍ୟକ ଗୋରୁ ମରିବାର କାରଣ ନେଇ ପ୍ରାଣୀଧନ ବିଭାଗ କହିପାରିବ ବୋଲି ସେ କହିଛନ୍ତି। ପ୍ରାଣୀଧନ ବିଭାଗ ଗୋଟିଏ ଦୁଇଟି କେଶରେ ଶବ ବ୍ୟବଚ୍ଛେଦ କରି ମୃତ୍ୟୁର କାରଣ ସ୍ପଷ୍ଟ କରିବାକୁ ମତ ପ୍ରକାଶ ପାଇଛି।

## ● ହଟୁନି ତାଳଚେର ରାଣୀପାର୍କ ଜଙ୍ଗଲରୁ ଜବରଦଖଲ

# ଅଧାରେ ଅଟକିଛି ଡିଅରପାର୍କ ପାଚେରି ନିର୍ମାଣ କାର୍ଯ୍ୟ

ତାଳଚେର, ୭ ।୨(ସମିସ): ହଟୁନି ଜବରଦଖଲ, ସମ୍ପୂର୍ଣ୍ଣ ହୋଇପାରୁନି ରାଣୀପାର୍କ ପାଚେରୀ ନିର୍ମାଣ କାର୍ଯ୍ୟ। ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ, ଏଠାରୁ ପ୍ରଚୁର ରାଜସ୍ୱ ନେଲା ପରେ ବି ତାଳଚେର ଆଜି ଶ୍ରୀହୀନ। ଏଠାରେ ମାଳମାଳ କୋଇଲା ଖଣି ଓ ରାଷ୍ଟ୍ରାୟତ୍ତ କମ୍ପାନୀ ମୁଣ୍ଡ ଟେକୁଥିବା ବେଳେ ତାଳଚେରରୁ ଅର୍ଥ ଯାଇ ବାହାର ଜାଗାରେ ଚିଡ଼ିଆଖାନା, ପାର୍କ, ସୌନ୍ଦର୍ଯ୍ୟକରଣ, ବଡ଼ବଡ଼ ତୋରଣ ଏମିତି କି ବହୁତ କିଛି ନିର୍ମାଣ ହେଉଥିବା ବେଳେ ତାଳଚେରକୁ କାହିଁକି ଅଣଦେଖା କରାଯାଉଛି ତାକୁ ନେଇ ରାଜନୈତିକ ମହଲରେ କାଦୁଅ ଫିଙ୍ଗା ଚାଲିଛି।



ତାଳଚେର ସହର ମଧ୍ୟରେ ୭୧୪ ଏକର ପରିମିତ ରାଣୀପାର୍କ ଜଙ୍ଗଲର ପୁନରୁଦ୍ଧାର କରାଯାଇ ସେଥିରେ ଡିଅରପାର୍କ ନିର୍ମାଣ ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ଦାବି ହୋଇଆସୁଥିଲେ ମଧ୍ୟ ତାହା ଏବେ ନାଲିଫିତା ତଳେ ବନ୍ଧା ହୋଇଥିବା ଦୁର୍ଭାଗ୍ୟର ବିଷୟ ହୋଇଛି। ପୂର୍ବରୁ ଏହି ଜଙ୍ଗଲର ଶ୍ରୀହୀନ ହୋଇଯାଇଥିଲେ ମଧ୍ୟ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶହଶହ ବୃକ୍ଷ ଚାରା ରୋପଣ କରାଯାଇ ଏବେ ଅତ୍ୟନ୍ତ ମନଲୋଭା ହୋଇଥିବା ବେଳେ ଚାରିପାଖରେ ଜିଲ୍ଲା ଖଣିଜ ପାଣ୍ଠିରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ପାଚୋରି ନିର୍ମାଣ କରାଯାଉଛି। ତେବେ ଜବରଦଖଲ ଯୋଗୁଁ ଏହି ପ୍ରକଳ୍ପ କାର୍ଯ୍ୟ ଆଗେଇ ପାରୁନାହିଁ।

ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ରାଣୀପାର୍କ ମଧ୍ୟରେ ମିନି ନନ୍ଦନକାନନ କରିବାକୁ ସ୍ୱପ୍ନ ଦେଖି ଏହାକୁ ସାକାର କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପରେ ପ୍ରାକ୍ତନ ପାଲଲହଡ଼ା ବିଧାୟକ ବିବୁଧେନ୍ଦୁ ପ୍ରତାପ ଦାସ ରାଣୀପାର୍କରେ ହରିଣପାର୍କ କରିବା ପାଇଁ ବିଭିନ୍ନ ଫୋରମରେ ବିଧାନସଭାରେ ଦାବି ଉପସ୍ଥାପନ କରିଥିଲେ ମଧ୍ୟ ସ୍ଥାନୀୟ ଡିଏଫଓ ବିଭିନ୍ନ ଆଳ ଦେଖାଇ ଟାଳଟୁଳି ନୀତି ଅବଲମ୍ବନ କରୁଥିବା ଅଭିଯୋଗ ହେଉଛି। ଫଳରେ ତାଳଚେରବାସୀଙ୍କ ମନରୁ ଏବେ ଡିଅରପାର୍କ ସ୍ୱପ୍ନ ଲିଭିବାକୁ ବସିଲାଣି। ଡବଲ ଇଞ୍ଜିନ ସରକାର ତାଳଚେର ପାଇଁ କାହିଁକି ବିମୁଖ ତାକୁ ନେଇ ପ୍ରଶ୍ନ ଉଠିଛି।

# ବାଣ ବିସ୍ଫୋରଣ, ୫ ଆହତ

ଅନୁଗୋଳ, ୭ ।୨(ସମିସ): ଜରାସିଂହା ଗ୍ରାମରେ ସରସ୍ୱତୀ ପୂଜା ଭସାଣ ସମୟରେ ବାଣ ବିସ୍ଫୋରଣ ଘଟି ୫ ଜଣ ଆହତ ହୋଇଛନ୍ତି। ଭସାଣ ଶୋଭାଯାତ୍ରା ଚାଲିଥିବାବେଳେ ବାଣ ଫୁଟାଯାଉଥିଲା। ଏହି ସମୟରେ ଏକ ବାଣ ଆସି ଶୋଭାଯାତ୍ରାରେ ସାମିଲ ଥିବା ଏକ ଅଟୋରେ ପଡ଼ିଥିଲା ଯେଉଁଥିରେ କିଛି ଅଫୁଟା ବାଣ ଥିଲା। ଅଟୋରେ ଥିବା ବାଣରେ ନିଆଁ ଲାଗିଯିବାରୁ ସବୁ ଏକାଠି ଫୁଟିଯାଇଥିଲା। ଫଳରେ ଅଟୋରେ ଥିବା ଦୁଇଜଣ ଗୁରୁତର ଆହତ ହୋଇଥିବା ବେଳେ ଭସାଣ ଶୋଭାଯାତ୍ରା ଦେଖୁଥିବା ଅନ୍ୟ ୩ଜଣ ଆହତ ହୋଇଛନ୍ତି। ସମସ୍ତଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି।

## ● ଜିଲ୍ଲା ଗ୍ରାମାଞ୍ଚଳ ଫୁଟବଲ ଲିଗ୍

# ତାଳଚେର ଓ ବାଗେଡ଼ିଆ ବିଜୟୀ

ଅନୁଗୋଳ, ୭ ।୨(ସମିସ): ଅନୁଗୋଳ ଫୁଟବଲର୍ସ ଆସୋସିଏସନ୍ ପକ୍ଷରୁ ପିଟିସି ପଡ଼ିଆରେ ଆୟୋଜିତ ଜିଲ୍ଲା ଗ୍ରାମାଞ୍ଚଳ ଫୁଟବଲ ଲିଗ୍‌ରେ ଶନିବାର ଦୁଇଟି ମ୍ୟାଚ୍ ଖେଳାଯାଇଛି। ପ୍ରଥମ ମ୍ୟାଚରେ ତାଳଚେର ଦଳ ଜରପଡ଼ାକୁ ୪-୦ ଗୋଲରେ ପରାସ୍ତ କରିଛି। ଦ୍ୱିତୀୟ ମ୍ୟାଚ୍‌ରେ ବାଗେଡ଼ିଆ ଦଳ ତଳମୂଳକୁ ୨-୦ ଗୋଲରେ ପରାସ୍ତ କରିଛି। ଶ୍ରୀମୁଖ ଗଡ଼ନାୟକ ଖେଳ ପରିଚାଳନା କରିଥିଲେ। ସଭାପତି ପବନ ସାହୁ ଏବଂ ସମ୍ପାଦକ ଶୁଭ୍ରାଂଶୁ ଶେଖର ସାହୁଙ୍କ ତତ୍ତ୍ୱାବଧାନରେ ଖେଳ ଅନୁଷ୍ଠିତ ହୋଇଥିଲା। ରବିବାର ତଳମୂଳ ବନାମ ତାଳଚେର ଏବଂ ଜରପଡ଼ା ବନାମ ବାଗେଡ଼ିଆ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

# ଜଳସେଚନ ଓ ରାସ୍ତା ପ୍ରକଳ୍ପର ଭୂମିପୂଜନ



କଣିହାଁ, ୭ ।୨(ସମିସ): କଣିହାଁ ବ୍ଲକ କର୍ଣ୍ଣପାଳ ପଞ୍ଚାୟତ ବାଲିଯୋଡ଼ି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଓ ରାସ୍ତାର ଉନ୍ନତୀକରଣ ପାଇଁ ଶୁକ୍ରବାର ଭୂମିପୂଜନ ହୋଇଛି। ୮୯ ଲକ୍ଷ ଟଙ୍କା ବ୍ୟୟରେ ମୁଖ୍ୟ ଓ ଶାଖା କେନାଲରେ ୧.୫ କିଲୋମିଟର କଂକ୍ରିଟ ଡ୍ରେନ ଏବଂ ୮୬ ଲକ୍ଷ ଟଙ୍କା ବ୍ୟୟରେ ମୁଖ୍ୟ କେନାଲ ବନ୍ଧରେ ୨ କିଲୋମିଟର ନୂତନ ପିଚୁ ରାସ୍ତା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଭୂମିପୂଜନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ଅଧିକାରୀ, ସାଂସଦଙ୍କ ପ୍ରତିନିଧି ପ୍ରହ୍ଲାଦ ସାମଲ, ପରାବିଲ ସରପଞ୍ଚଙ୍କ ପ୍ରତିନିଧି ରମେଶ ଚନ୍ଦ୍ର ସାହୁ, କର୍ଣ୍ଣପାଳ ସରପଞ୍ଚ ହୃଷୀକେଶ ସାମଲଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ● ଆଠମଲ୍ଲିକ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ସୋନପୁରକୁ ହରାଇ ଫାଇନାଲରେ ଝାରସୁଗୁଡ଼ା

ଆଠମଲ୍ଲିକ, ୭ ।୨(ସମିସ): ଆଠମଲ୍ଲିକ ମିନି ଷ୍ଟାଡିଅମରେ କ୍ରୀଡ଼ା ସଂସଦ ଦ୍ୱାରା ଆୟୋଜିତ ଆଠମଲ୍ଲିକ କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଶନିବାର ଅନୁଷ୍ଠିତ ହୋଇଛି। ସୋନପୁର ଓ ଝାରସୁଗୁଡ଼ା ଦଳ ମଧ୍ୟରେ ଏହି ମ୍ୟାଚ ହୋଇଥିଲା। ଝାରସୁଗୁଡ଼ା ୩-୧ ଗୋଲରେ ବିଜୟୀ ହୋଇ ଫାଇନାଲକୁ ଉନ୍ନୀତ ହୋଇଛି। ବରିଷ୍ଠ ରେଫରୀ ଦିଲୀପ କୁମାର ରାଉତ ମ୍ୟାଚ ପରିଚାଳନା କରିଥିଲେ। ଲାଇନ୍ସମ୍ୟାନ ଭାବେ ଗରିବ ବେହେରା, ସୁଶୀଲ ବେହେରା ସହଯୋଗ କରିଥିଲେ। ଶିକ୍ଷକ ପ୍ରଦୀପ କୁମାର ବାହୁକ ଧାରାବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ଓକିଲସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଓକିଲସଂଘ ଉପସଭାପତି ବିଦ୍ୟୁତ କୁମାର ପାଣିଗ୍ରାହୀ, ସମ୍ପାଦକ ଅର୍ଜୁନ ରାଉଳ, କୋଷାଧ୍ୟକ୍ଷ ତଥା ଲାଇବ୍ରେରିଆନ ବିଶ୍ୱସୁନ୍ଦର ଶତପଥୀ, ସରକାରୀ ଓକିଲ ପୀତବାସ ସାହୁ, ଭବାନୀ ପ୍ରସାଦ ଜ୍ୟୋତିଷରାୟ, ଅନ୍ତର୍ଯ୍ୟାମୀ ରାଉଳ, ଓକିଲସଂଘର ପୂର୍ବତନ ସଭାପତି ଦୀନେଶ କୁମାର ସିଂହ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରବିବାର କୁଚିଣ୍ଡା ଓ ଝାରସୁଗୁଡ଼ା ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।



# ଫେବୃଆରୀ ୧୨ ଧର୍ମଘଟକୁ ସଫଳ କରିବାକୁ ଆହ୍ୱାନ

କଣିହାଁ, ୭ ।୨(ସମିସ): ଶ୍ରମିକ କର୍ମଚାରୀ ବିରୋଧୀ ୪ଟି ଶ୍ରମ କୋଡ୍ ବାତିଲ, ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର ବନ୍ଦ, ସର୍ବନିମ୍ନ ମଜୁରି ମାସିକ ୨୬ ହଜାର, ସମାନ କାମକୁ ସମାନ ମଜୁରି, ଆଶା, ଅଙ୍ଗନବାଡ଼ି କର୍ମୀ ସମେତ ସମସ୍ତ ସ୍କିମ୍ ଶ୍ରମିକଙ୍କୁ ସରକାରୀ କର୍ମଚାରୀ ମାନ୍ୟତା, ଆକାଶଛୁଆଁ ଦରଦାମ ନିୟନ୍ତ୍ରଣ, ସ୍ମାର୍ଟ ମିଟର ପ୍ରଚଳନ ବନ୍ଦ ଆଦି ୨୧ଦଫା ଦାବିରେ ୧୦ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନର ମିଳିତ ମଞ୍ଚ ଆହ୍ୱାନରେ ଫେବୃଆରୀ ୧୨ରେ ସାରା ଭାରତରେ ସାଧାରଣ ଧର୍ମଘଟ ଡାକରା ଦିଆଯାଇଛି। ଏହି ଧର୍ମଘଟକୁ ସଫଳ କରିବା ପାଇଁ ଶୁକ୍ରବାର ସନ୍ଧ୍ୟା ରେ କରଡ଼େଇ ଛକ ନିକଟ ପିଟିଏସ୍ ଗେଟ୍ ସମ୍ମୁଖରେ ଶ୍ରମିକ ସଂଘଗୁଡ଼ିକ ପକ୍ଷରୁ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଛି। ଏଥିରେ ୟୁନାଇଟେଡ୍ ଏମ୍ପ୍ଲୋଇଜ ୟୁନିୟନର ଯୁଗ୍ମ ସମ୍ପାଦକ ଦୁଃଖିଶ୍ୟାମ ମଲ୍ଲିକ ଓ ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନର ସାଧାରଣ ସମ୍ପାଦକ ପ୍ରହ୍ଲାଦ ଚନ୍ଦ୍ର ସାହୁ ଉପସ୍ଥିତ ରହି ଶ୍ରମଜୀବୀ ଜନ ସାଧାରଣଙ୍କ ଜୀବନ ଜୀବିକା ସୁରକ୍ଷା ପାଇଁ ଧର୍ମଘଟକୁ ସଫଳ କରିବାକୁ ଆହ୍ୱାନ ଦେଇଛନ୍ତି। ଶ୍ରମକୋଡ୍ ଲାଗୁ ହେଲେ ଶ୍ରମିକମାନେ କେବଳ ଦାଣ୍ଡର ଭିକାରୀ ନୁହେଁ, ଆଧୁନିକ କ୍ରୀତଦାସରେ ପରିଣତ ହେବେ। ଯେକୌଣସି ମୂଲ୍ୟ ଦେଇ ଏହାକୁ ରୋକିବାକୁ ପଡ଼ିବ। ଧର୍ମଘଟରେ ସମସ୍ତେ ସାମିଲ ହୋଇ ସଫଳ କରିବାକୁ ନିବେଦନ କରିଥିଲେ।




# ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳିତ

ବଇଣ୍ଡା, ୭ ।୨(ସମିସ): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଅଞ୍ଚଳରେ ଥିବା ହନୁମାନ ମନ୍ଦିରର ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଛି। ଏନେଇ ମନ୍ଦିର ପରିଚାଳନା କମିଟି ଓ ଠାକୁରଗଡ଼ ଗ୍ରାମବାସୀଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ସ୍ଥାନୀୟ ନାଳରୁ କଳସରେ ପବିତ୍ର ଜଳ ଆଣିବା ପରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପୂଜକ ବିଶ୍ୱଜିତ ମିଶ୍ର ପୂଜା କରିଥିଲେ। କର୍ତ୍ତା ଭାବେ ଦିବାକର ପ୍ରଧାନ, ବିନୀତା ପ୍ରଧାନ ଦାୟିତ୍ୱ ନିର୍ବାହ କରିଥିବା ବେଳେ କମିଟି ସଭାପତି ରଞ୍ଜନ କୁମାର ସାହୁ, ସମ୍ପାଦକ ନବ କୁମାର ବେହେରା, ଗୋକୁଳାନନ୍ଦ ଶତପଥୀ, ପଦ୍ମନାଭ ରାଉତ, ଆଶୁତୋଷ ଶଣ୍ଢ, ପବନ କୁମାର ସାହୁ, ପ୍ରମୋଦ କୁମାର ମହାପାତ୍ର, ଅକ୍ଷୟ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।



# ରାଧାମାଧବ ହାଇସ୍କୁଲର ବାର୍ଷିକ ଉତ୍ସବ

କିଶୋରନଗର, ୭ ।୨(ସମିସ): ଆଠମଲ୍ଲିକ ବ୍ଲକ ପାଇକସାହି ପଞ୍ଚାୟତର ପିଏମ୍‌ଶ୍ରୀ ରାଧାମାଧବ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ପାଇକସାହି ସରପଞ୍ଚ ନିରଜକାନ୍ତ ସାହୁ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପାଇକସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ନାରାୟଣ ଗଡ଼ନାୟକ ଯୋଗଦେଇ ଶିକ୍ଷା ସହ ସଂସ୍କୃତିର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଇନାଳି ସେବାଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନୋଜ କୁମାର ବାରିକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶୁକଦେବ ସାହୁ, ପାଇକସାହି ସିଆରସିସି ନୃସିହ ଚରଣ ନାୟକ, ସାପଘରା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଜୟକୃଷ୍ଣ ପ୍ରଧାନ, ସ୍ୱେଚ୍ଛାସେବୀ ସିଦ୍ଧେଶ୍ୱର ନାୟକ ଓ ପଞ୍ଚସଖା ଶିକ୍ଷାସେତୁ ସଭାପତି ଲଳିତ ମୋହନ ପ୍ରଧାନ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ପରିଶ୍ରମ ଓ ଶିକ୍ଷାଗତ ଉତ୍କର୍ଷ ପାଇଁ ପ୍ରେରଣା ଦେଇଥିଲେ। ରାଧାମାଧବ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଜିତ୍ କୁମାର ଖାଡ଼ିଆ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଦେଶାତ୍ମବୋଧକ ଗୀତ, ଲୋକନୃତ୍ୟ, ନାଟକ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଶିକ୍ଷକ ବିନ୍ଦୁସାଗର ମହାନ୍ତି, ଶଶିଭୂଷଣ ସାହୁ ଶିକ୍ଷୟିତ୍ରୀ ମୋନାଲିସା ସାହୁ ପ୍ରମୁଖ ସହଯୋଗ କରିଥିଲେ।

# କ୍ୟାରିଅର ପରାମର୍ଶ ଓ ଭୋଟର ସଚେତନତା

କିଶୋରନଗର, ୭ ।୨(ସମିସ): ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୁ) ଅନୁଗୋଳ ଆଞ୍ଚଳିକ କେନ୍ଦ୍ର ଦ୍ୱାରା ତେନ୍ତୁଳିପଥର ଶ୍ରୀରାମ ଦେବ ଉଚ୍ଚ ମଧ୍ୟମିକ ବିଦ୍ୟାଳୟରେ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କୁ ନେଇ ଏକ କ୍ୟାରିଅର ପରାମର୍ଶ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଛାତ୍ରଛାତ୍ରୀଙ୍କୁ ଉତ୍ତମ ଶିକ୍ଷା, ପ୍ରାକ୍ ଶିକ୍ଷା ପ୍ରସ୍ତୁତି, ଜୀବନ ଶିକ୍ଷା ଉପରେ ମାର୍ଗଦର୍ଶନ କରାଯାଇଥିଲା। ବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟଜିତ ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଇଗ୍ନୁର ଉପ ନିର୍ଦ୍ଦେଶକ ଡ. ବିଜୟ କୁମାର ସାହୁ ଓ ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ଯୋଗଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ନାୟକ, ଋତୁପର୍ଣ୍ଣା ସାହୁ, ସୁଲୋଚନା ପ୍ରଧାନ ଓ ଭାଗ୍ୟବତୀ ଦେବୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କୃତିବାସପୁର ଗ୍ରାମରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଡ. ବିଜୟ କୁମାର ସାହୁ ଓ ମନୋଜ କୁମାର ମହାପାତ୍ର ନାଗରିକତା ଓ ଭୋଟ ଅଧିକାର ଉପରେ ସଚେତନ କରାଇଥିଲେ। ଉପଯୁକ୍ତ ବ୍ୟକ୍ତିଙ୍କୁ ନିର୍ବାଚିତ କରିବା, ଭୋଟ ଦେବାକୁ ସମସ୍ତେ ପ୍ରସ୍ତୁତି ହେବା, ଭୋଟରର ଅଧିକାର ଉପରେ ଆଲୋଚନା କରାଯାଇଥିଲା। ଗ୍ରାମର ବରିଷ୍ଠ ନାଗରିକ ବିକ୍ରମ ବିଶ୍ୱାଳ, ପୀତବାସ ବିଶ୍ୱାଳ ଓ ସ୍ୱପ୍ନେଶ୍ୱର ପ୍ରଧାନଙ୍କ ସମେତ ମଣିନାଗେଶ୍ୱରୀ, ମା' ମଙ୍ଗଳା, ସୁନେଲି, ମା' ପଥରପୁଞ୍ଜି ଓ ଭୀମଅର୍ଜୁନ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ଯୋଗଦେଇଥିଲେ। ବିଶ୍ୱ ଯୁବକେନ୍ଦ୍ରର କର୍ମୀ ମାନସ ପ୍ରଧାନ ସହଯୋଗ କରିଥିଲେ।




# ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା

ଅନୁଗୋଳ, ୭ ।୨(ସମିସ): ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଦାମୋଦର ରଥଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସ୍ଥାନୀୟ ହୁଲୁରିସିଂହା ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ନିମନ୍ତେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ କମଳାକାନ୍ତ ନାୟକ, ସଦସ୍ୟ ସୁବାସ ଚନ୍ଦ୍ର ସାହୁ, ପୂର୍ବତନ ସଦସ୍ୟ ପରମାନନ୍ଦ ମିଶ୍ର, ଡିଏସ୍‌ପି ଯୋଗେଶ୍ୱରୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସମାଜରେ ମହିଳା ଓ ପୁରୁଷଙ୍କର ସମାନ ଅଧିକାର ରହିଛି। ମହିଳାମାନଙ୍କୁ ସମ୍ମାନର ସହ ବଞ୍ଚିବାକୁ ଦେବା ଉଚିତ୍। ବାଲ୍ୟ ବିବାହ ସମାଜର କଳଙ୍କ। ଏହାକୁ ରୋକିବା ଆମ ଦାୟିତ୍ୱ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ହୁଲୁରିସିଂହା ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ କମଳାକାନ୍ତ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ କୀର୍ତ୍ତନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



# ଜନଗଣନା ଅଧିକାରୀଙ୍କ ସମୀକ୍ଷା ଓ ତାଲିମ କାର୍ଯ୍ୟକ୍ରମ

ଅନୁଗୋଳ, ୭ ।୨(ସମିସ): ସ୍ଥାନୀୟ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ୨୦୨୭ ଜନଗଣନା ନିମନ୍ତେ ଜିଲ୍ଲାସ୍ତରୀୟ ଜନଗଣନା ଅଧିକାରୀଙ୍କ ସମୀକ୍ଷା ଓ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ଏଥିରେ ଅଧ୍ୟକ୍ଷତା କରି ଜନଗଣନା ଏକ ଦର୍ପଣ ସଦୃଶ ବୋଲି କହିଥିଲେ। ଜନଗଣନାରେ କେବଳ ବ୍ୟକ୍ତିବିଶେଷଙ୍କ ଗଣନା ନୁହେଁ, ପ୍ରତ୍ୟେକ ପରିବାରର ଆର୍ଥିକ, ସାମାଜିକ ଅବସ୍ଥାର ସମ୍ପୂର୍ଣ୍ଣ ବିବରଣୀ ସଂଗ୍ରହ କରାଯିବ ଯାହା ଯୋଜନା ଏବଂ ନୀତି ପ୍ରଣୟନରେ ସାହାଯ୍ୟ କରିବ ବୋଲି ସେ କହିଥିଲେ। ରାଜ୍ୟ ଜନଗଣନା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ପବିତ୍ର କୁମାର ମହଲା ଓ ପରିସଂଖ୍ୟାନ ଅନୁସନ୍ଧାନକାରୀ ଦୀପକ କୁମାର 'ଗୃହ ତାଲିକାକରଣ' ଏବଂ ଗୃହ ଗଣନାର ପ୍ରଥମ ପର୍ଯ୍ୟାୟ ପ୍ରସ୍ତୁତି ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଜନଗଣନାର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଆସନ୍ତା ଏପ୍ରିଲ ୧୬ରୁ ଆରମ୍ଭ ହୋଇ ମେ ୧୫ ପର୍ଯ୍ୟନ୍ତ ଚାଲିବ। ଏହା ଦେଶର ପ୍ରଥମ ଡିଜିଟାଲ ଜନଗଣନା ହୋଇଥିବାରୁ ଲୋକଙ୍କ ସୁବିଧା ପାଇଁ ଏପ୍ରିଲ ୧ରୁ ୧୫ ପର୍ଯ୍ୟନ୍ତ ନିଜସ୍ୱ ଗଣନା ବ୍ୟବସ୍ଥା ଉପଲବ୍ଧ ରହିବ। ଏହାଦ୍ୱାରା ନାଗରିକମାନେ ନିଜେ ନିଜ ତଥ୍ୟ ପ୍ରଦାନ କରିପାରିବେ। ମୋବାଇଲ୍ ଆପ୍ ବ୍ୟବହାର ଏବଂ ଜନଗଣନା ପରିଚାଳନା ଓ ନିରୀକ୍ଷଣ ପୋର୍ଟାଲ ସମ୍ପର୍କରେ ସମସ୍ତ ନିଯୁକ୍ତ ଅଧିକାରୀଙ୍କୁ ବିଧିବଦ୍ଧ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ତାଳଚେର ଉପଜିଲ୍ଲାପାଳ ସମୀର କୁମାର ଜେନା, ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର ଲୋହା, ପାଲଲହଡ଼ା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ, ଡେପୁଟି କଲେକ୍ଟର ଜୟକୃଷ୍ଣ ପାତ୍ର, ସହକାରୀ ଜିଲ୍ଲାପାଳ ସଞ୍ଜୟ କୁମାର ଭୋଇଙ୍କ ସମେତ ଜିଲ୍ଲାର ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ମ୍ୟୁନିସିପାଲିଟି ଓ ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ, ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



## ମାଙ୍କଡ଼ା ନଦୀ ଜଳସେଚନ ପ୍ରକଳ୍ପ ନିର୍ମାଣ ଦାବି

# ମୁଖ୍ୟମନ୍ତ୍ରୀଙ୍କୁ କୃଷକ ସଙ୍ଗଠନର ଦାବିପତ୍ର

ପାଲଲହଡ଼ା, ୭ ।୨(ସମିସ)

ଅନୁଗୋଳ ଜିଲ୍ଲା ପାଲଲହଡ଼ା ବ୍ଲକ ଏକ ଅଣଶିଳ୍ପାଞ୍ଚଳ ତଥା କୃଷିବହୁଳ ଅଞ୍ଚଳ। ଏଠିକାର ଜନସାଧାରଣ ବିଭିନ୍ନ ଚାଷ କରି ପରିବାର ପ୍ରତିପୋଷଣ କରନ୍ତି। ମାଙ୍କଡ଼ା ଓ କଖାରୁଆ ନଦୀ ଉପରେ ବାଙ୍କଦରଠାରେ ୧୯୬୬ରେ ନିର୍ମିତ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଡାହାଣ ଓ ବାମ କେନାଲ ଦ୍ୱାରା ମାତ୍ର ତିନି ପଞ୍ଚାୟତ (ନିଜିଗଡ଼, ଶିଗଡ଼ ଓ ବାଲିପଶି)ର ମାତ୍ର ୨୪୭୬ ହେକ୍ଟର ଚାଷଜମିକୁ ଖରିଫ ଧାନଚାଷ ପାଇଁ ଜଳସେଚନ ବ୍ୟବସ୍ଥା କରାଯାଇ ପାରୁଛି। ପ୍ରକଳ୍ପର ରକ୍ଷଣାବେକ୍ଷଣ ଅଭାବରୁ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବା ଜମିକୁ ସଠିକ ଭାବେ ଜଳସେଚନ ହୋଇପାରୁନାହିଁ। ତେବେ କିଛିଦିନ ପୂର୍ବରୁ ରାଜ୍ୟ ସରକାର ମାଙ୍କଡ଼ା ନଦୀ ଉପରେ ବାଙ୍କଦରଠାରେ ଏକ ନୂତନ ପ୍ରକଳ୍ପ କରି ବ୍ଲକର ୮ ପଞ୍ଚାୟତକୁ ସବୁଦିନିଆ ଜଳସେଚନ ବ୍ୟବସ୍ଥା କରିବାକୁ ଘୋଷଣା କରିବା ସହ ପ୍ରକଳ୍ପକୁ ଅନମୋଦନ କରିଛନ୍ତି। ଏହି ଘୋଷଣାରେ ଅଞ୍ଚଳବାସୀ ଖୁସିବ୍ୟକ୍ତ କରିଛନ୍ତି। ନୂତନ ମାଙ୍କଡ଼ା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପାଲଲହଡ଼ା ଅଞ୍ଚଳରେ ଦୁଇଫସଲି ଧାନ ସହ ବିଭିନ୍ନ ପନିପରିବା ଓ ଡାଲିଜାତୀୟ ଚାଷ କରି ଚାଷୀ ଉପକୃତ ହୋଇପାରିବେ ବୋଲି ମତ ପ୍ରକାଶ ପାଇଛି। କିନ୍ତୁ ଉକ୍ତ ପ୍ରକଳ୍ପକୁ କିଛି ଲୋକ ଉଦ୍ଦେଶ୍ୟମୂଳକ ଭାବେ ବିରୋଧ କରି ବନ୍ଦ କରିବାକୁ ମସୁଧା କରୁଛନ୍ତି। ଉକ୍ତ ପ୍ରକଳ୍ପରେ କୌଣସି ଅଞ୍ଚଳ ଜଳମଗ୍ନ ହେବ ନାହିଁ କିମ୍ବା କୌଣସି ଲୋକଙ୍କ କିଛି କ୍ଷତି ହେବାର ନାହିଁ। ତେବେ ଲୋକଙ୍କୁ ବିଭିନ୍ନ ମିଛକଥା କହି ଏହି ପ୍ରକଳ୍ପ ବିରୋଧୀ ଆନ୍ଦୋଳନରେ ସାମିଲ କରାଯାଉଛି। ଅନ୍ୟପଟେ ନୂତନ ମାଙ୍କଡ଼ା ଜଳସେଚନ ପ୍ରକଳ୍ପକୁ ସମର୍ଥନ କରି ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ପାଲଲହଡ଼ା ଉପଖଣ୍ଡସ୍ତରୀୟ କୃଷକ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି। ଏଥିସହ ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ହେବାକୁ ଥିବା ଚାଷୀମାନଙ୍କୁ ଉଚିତ କ୍ଷତିପୂରଣ ପ୍ରଦାନ ପାଇଁ ସଂଗଠନ ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ କରିବ ବୋଲି କହିଛି। ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରି ତୁରନ୍ତ କାର୍ଯ୍ୟକାରୀ କରିବାକୁ ନିବେଦନ କରାଯାଇଛି। ସଂଗଠନର ସଭାପତି ବିଷ୍ଣୁପ୍ରସାଦ ବେହେରାଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଉପଜିଲ୍ଲାପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।



## ‘ସକାଳ’ ଜିଲ୍ଲା ପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା



ଜଗତସିଂହପୁର, ୭।୨(ସମିସ): “ଜଗତସିଂହପୁର ଐତିହ୍ୟ ପଦଯାତ୍ରା’ର ପ୍ରଥମ ବାର୍ଷିକ ଉତ୍ସବ ସ୍ଥାନୀୟ ଆଦିକବି ଶାରଳା ଦାସ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଗତ ବର୍ଷର ବାର ମାସରେ ବାରଗୋଟି ଐତିହ୍ୟ ପଦଯାତ୍ରା ସଫଳତାର ସହିତ ସମ୍ପନ୍ନ ହେବା ପରେ, ଐତିହ୍ୟପ୍ରେମୀ ଉଦ୍ୟମୀ ଯୁବମାନଙ୍କ ଦ୍ୱାରା ଜଗତସିଂହପୁର ଐତିହ୍ୟ ପଦଯାତ୍ରାର ବାର୍ଷିକ ଉତ୍ସବ ଆୟୋଜନ କରାଯାଇଥିଲା। ଏଥିରେ ଶିକ୍ଷାବିତ ଡ. ବସନ୍ତ ମଞ୍ଜରୀ ଦାସ, ଡ. ଦୀପକ୍ ସାମନ୍ତରାୟ, ଅମ୍ବିକା ପଟ୍ଟନାୟକ, ରଞ୍ଜନ କୁମାର ପଣ୍ଡା ଏବଂ ଭଗବାନ ଦାଶ ଆଦି ବରେଣ୍ୟ ବ୍ୟକ୍ତିବିଶେଷ ସଭାମଣ୍ଡନ କରି ଐତିହ୍ୟ ପଦଯାତ୍ରୀ ଦଳର ପ୍ରାଚୀନ କଳା, ଐତିହ୍ୟ ଏବଂ ପରମ୍ପରାକୁ ଉଜ୍ଜୀବିତ କରି ରଖିବା ପାଇଁ ଏଭଳି ଭିନ୍ନ ପ୍ରୟାସକୁ ସାଧୁବାଦ ଜଣାଇବା ସହିତ ସେମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଏହି ଅବସରରେ ଦୈନିକ ‘ସକାଳ’ର ଜଗତସିଂହପୁର ଜିଲ୍ଲା ପ୍ରତିନିଧି ଶଶାଙ୍କ ଶେଖର ପଣ୍ଡାଙ୍କ ସମେତ ମାଟି ପ୍ରତି ସମର୍ପିତ ଅସାଧାରଣ ପ୍ରତିଭାଧାରୀ ସାଧାରଣ ବ୍ୟକ୍ତିମାନଙ୍କୁ ଉପଢୌକନ ମାନପତ୍ର ଓ ଜଗତସିଂହପୁର ଜିଲ୍ଲାର କଳା ଓ ସଂସ୍କୃତିକୁ ପ୍ରତିଫଳନ କରୁଥିବା ଚିତ୍ରିତ କଳସୀରେ ଔଷଧୀୟ ବୃକ୍ଷ ପ୍ରଦାନ କରି ସମ୍ମାନିତ କରାଯାଇଥିଲା।

## ପରାଶର କ୍ଷେତ୍ରରେ ବିରାଜିବେ ଶ୍ରୀଜଗନ୍ନାଥ



ପାରାଦୀପ,୭।୨(ସମିସ): ପାରାଦୀପରେ ଅନୁଷ୍ଠିତ ହେବ ଶ୍ରୀଜଗନ୍ନାଥ ମହାଚେତନା ମହୋତ୍ସବ “ଦରିଆ କୂଳେ ଶ୍ରୀଜଗନ୍ନାଥ’। ୯ ଦିନ ଧରି ଆୟୋଜିତ କରାଯାଉଥିବା ଏହି କାର୍ଯ୍ୟକ୍ରମରେ ମହାପ୍ରଭୁଙ୍କ ୩୨ ବେଶ, ୫୬ ଭୋଗ, ଶ୍ରୀବିଷ୍ଣୁ ବିଶ୍ୱଶାନ୍ତି ମହାଯଜ୍ଞ, ଶ୍ରୀଜଗନ୍ନାଥ ଚରିତ୍ରାମୃତର ଆୟୋଜନ କରାଯିବା ସହିତ ଏହି ମହୋତ୍ସବକୁ ବିଭିନ୍ନ କୋଣ ଅନୁକୋଣରୁ ଅନେକ ସାଧୁସନ୍ଥ ଆସିବେ। ଦୈନନ୍ଦିନ ଆନନ୍ଦ ବଜାରରେ ମିଳିବ ମହାପ୍ରସାଦ। ଯାହା ପରାଶର କ୍ଷେତ୍ର ପାରାଦୀପ ବେଳାଭୂମିରେ ନବଦିନ ବ୍ୟାପୀ ଶ୍ରୀକ୍ଷେତ୍ରର ଅନୁଭୂତି ଦେବ। ଶ୍ରୀଜଗନ୍ନାଥଙ୍କ କୃପାର ଏହି ଦିବ୍ୟ ଏବଂ ଭବ୍ୟ କାର୍ଯ୍ୟକ୍ରମ ଆସନ୍ତା ମେ’ ୨୭ ତାରିଖରେ ହେବା ପାଇଁ ସୂଚନା ଦେଇଛନ୍ତି ଶ୍ରୀକ୍ଷେତ୍ରର ଅଭିଜ୍ଞ ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମା। ଯାହାକୁ ନେଇ ପାରାଦୀପ ଜଗନ୍ନାଥ ମନ୍ଦିରର ମୁକ୍ତିମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି ତୃତୀୟ ପ୍ରସ୍ତୁତି ବୈଠକ। ପାରାଦୀପ ସହ ଶ୍ରୀକ୍ଷେତ୍ରର ଅନବଦ୍ୟ ସମ୍ପର୍କ ରହିଛି ଯାହା ଭବିଷ୍ୟ ମାଳିକାରେ ମହାପୁରୁଷମାନେ ବର୍ଣ୍ଣନା କରିଛନ୍ତି। ଏତେଦିନ ପରେ ମହାପ୍ରଭୁଙ୍କ କୃପା ହେବା ସହିତ ଏହି ପୂର୍ବ ସଂଯୋଗକୁ ସାକାର କରିବା ପାଇଁ ପାରାଦୀପର ସମସ୍ତ ଜନସାଧାରଣ, ଜଗନ୍ନାଥ ପ୍ରେମୀ ଏହି କାର୍ଯ୍ୟକ୍ରମରେ ସାମିଲ ହେବାକୁ ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମା ନିବେଦନ କରିଛନ୍ତି।

## ଏସ୍‌ଭିଏମ୍‌ରେ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର



ଜଗତସିଂହପୁର, ୭।୨(ସମିସ): ଜଗତସିଂହପୁର ଜିଲ୍ଲାର ସୁପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଏସଭିଏମ୍ କଲେଜରେ ଆୟୋଜିତ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଉଦଯାପନୀ ଉତ୍ସବରେ କଲେଜ ଅଧ୍ୟକ୍ଷା ଡ. ସୁଜାତା ଓଝା ମୁଖ୍ୟଅତିଥି ଭାବେ ଯୋଗଦେଇ ବାଳିକାମାନଙ୍କ ପାଇଁ ଆତ୍ମରକ୍ଷା କୌଶଳ ଶିଖିବାର ଆବଶ୍ୟକତା ଓ ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ପ୍ରାଧ୍ୟାପକ ଅନନ୍ତ ଚରଣ ଆଚାର୍ଯ୍ୟ, ପ୍ରାଧ୍ୟାପକ ନୃସିଂହ ଚରଣ ସାମନ୍ତରାୟ, ଅଧ୍ୟାପକ ପ୍ରଶାନ୍ତ କୁମାର ବେହେରା ଏବଂ ଅଧ୍ୟାପକ ଶୁଭେନ୍ଦୁ ମୌଳି ନନ୍ଦ ପ୍ରମୁଖ ଏଥିରେ ଯୋଗଦେଇ ପ୍ରଶିକ୍ଷିତା ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ପ୍ରଶିକ୍ଷିକା ଭାବେ ସୁନିତା ଓ ଶୁଭଲକ୍ଷ୍ମୀ ଯୋଗ ଦେଇ ଛାତ୍ରୀମାନଙ୍କୁ ଆତ୍ମରକ୍ଷାର ବିଭିନ୍ନ କୌଶଳ ଶିକ୍ଷା ଦେଇଥିଲେ। ଉଦ୍‌ଯାପନୀ ଉତ୍ସବର ଶେଷ ଭାଗରେ ଛାତ୍ରୀମାନେ ପ୍ରଶିକ୍ଷଣ ପାଇଥିବା ଆତ୍ମରକ୍ଷା କୌଶଳ ପ୍ରଦର୍ଶନ କରିଥିଲେ। ଅଧ୍ୟାପିକା ବିଦ୍ୟୁତ ପ୍ରଭା ଦାଶ୍ ଏବଂ ଲିପସିତା ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ କ୍ରୀଡ଼ା ଶିକ୍ଷକ ସୁଶାନ୍ତ କୁମାର ସାହୁ ଏବଂ ଅଧ୍ୟାପକ ଡ.ଜ୍ୟୋତିର୍ମୟୀ ଦାଶ ପରିଚାଳନାରେ ସହଯୋଗ କରିଥିଲେ।

### ଶିକ୍ଷୟିତ୍ରୀଙ୍କ ଠାରୁ ଟଙ୍କା ଲୁଟ୍ ଘଟଣା

# ୩୩ ଲକ୍ଷ ଟଙ୍କା କରଜରେ ଥିଲେ ଲୁଟେରା

ତିର୍ତ୍ତୋଲ, ୭।୨(ସମିସ):



ଗତକାଲି ମଣିଜଙ୍ଗା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ୍ ସମ୍ମୁଖରେ ଶିକ୍ଷୟିତ୍ରୀଙ୍କ ଠାରୁ ଟଙ୍କା ଲୁଟ ଓ ଲୁଟେରାକୁ ଧରି ପୁଲିସକୁ ଜିମା ଘଟଣାରେ ଆଜି ତିର୍ତ୍ତୋଲ ଥାନା ଅଧିକାରୀ ପ୍ରଦୀପ୍ତ କୁମାର ସେଠୀଙ୍କ ତରଫରୁ ସୂଚନା ପ୍ରଦାନ କରାଯାଇଛି। ସୂଚନା ମୁତାବକ ଗତକାଲି ମଧ୍ୟାହ୍ନ ସମୟରେ ଜଜାଙ୍ଗ ୟୁପି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମମତା ପରିଡ଼ା ପିଏନବି ବ୍ୟାଙ୍କ୍‌ରୁ ୫୦ ହଜାର ଟଙ୍କା ଉଠାଇଥିଲେ। ନିଜ ଭ୍ୟାନିଟି ବ୍ୟାଗରେ ପୂର୍ବରୁ ୫ ହଜାର ଟଙ୍କା ଥିଲା। ଶିକ୍ଷୟିତ୍ରୀ ଜଣକ ବ୍ୟାଙ୍କ୍‌ରୁ ବାହାରୁ ଆସିବା ମାତ୍ରେ ଲୁଟେରା ବତିଲୋ ଗ୍ରାମର ଅରବିନ୍ଦ ଦାସ ୫୫ ହଜାର ଟଙ୍କା ଥିବା ଭ୍ୟାନିଟୀ ବ୍ୟାଗ ନେଇ ଦୌଡ଼ି ପଳାଇ ଯାଉଥିବାବେଳେ ସ୍ଥାନୀୟ ଲୋକେ ଧରି ପୁଲିସ ଜିମା ଦେଇଥିଲେ। ପୁଲିସ ଅରବିନ୍ଦକୁ ଜେରା କରିବା ପରେ ସେ ପ୍ରକାଶ କରିଥିଲା ସେ ପିଏନ୍‌ବି ବ୍ୟାଙ୍କକୁ ଟଙ୍କା ଉଠାଇବାକୁ ଯାଇଥିବା ବେଳେ ଋଣକୁ ନେଇ ବ୍ୟାଙ୍କ କର୍ତ୍ତୃପକ୍ଷ ତାଗିଦ୍ କରିଥିଲେ। ପରେ ସେ ଟଙ୍କା ଲୁଟ କରିବା କଥା ଚିନ୍ତା କରି ଶିକ୍ଷୟିତ୍ରୀଙ୍କ ଠାରୁ ଲୁଟ କରିଥିଲା। ଅଭିଯୁକ୍ତ ଅରବିନ୍ଦ ବ୍ୟାଙ୍କ୍ ସମେତ ବିଭିନ୍ନ ସଂସ୍ଥା ଓ ବ୍ୟକ୍ତି ବିଶେଷ ଠାରୁ ୩୩ ଲକ୍ଷ ଟଙ୍କା ଋଣ କରିଛି ବୋଲି ପୁଲିସ ଜେରା ବେଳେ ଜାଣିବାକୁ ପାଇଛି। ଋଣ ଭାର ଅରବିନ୍ଦକୁ ଲୁଟେରା ସଜେଇଲା। ପୁଲିସ ଅରବିନ୍ଦ ବିରୋଧରେ ଏକ ମାମଲା ରୁଜୁ କରି ଆଜି ଅଦାଲତ ଚାଲାଣ କରିଛି।

## ତାରପୁର ଗ୍ରାମପଞ୍ଚାୟତରେ ଚକ୍ଷୁ ଚିକିତ୍ସା ଶିବିର

ରଘୁନାଥପୁର,୭।୨(ସମିସ): ରଘୁନାଥପୁର ବ୍ଲକ ଅନ୍ତର୍ଗତ ତାରପୁର ଗ୍ରାମପଞ୍ଚାୟତର ଗୋକୁଳପୁର ସ୍ଥିତ ସାରଦା ୟୁଥ କ୍ଲବ ପରିସରରେ ମିଶ୍ର ଅପ୍ଟିକାଲ୍ସ ପକ୍ଷରୁ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଡ. ଦେବାଶିଷ ଶତପଥୀଙ୍କ ତତ୍ତ୍?ାବଧାନରେ ଦୀପକ ନାରାୟଣ ମିଶ୍ର ଓ ନନ୍ଦିନୀ ବେହେରା ଶିବିରରେ ରୋଗୀଙ୍କୁ ଚିକିତ୍ସା ଯୋଗାଇ ଦେଇଥିଲେ। ମୋଟ ୪୫ ଜଣ ରୋଗୀଙ୍କ ମଧ୍ୟରୁ ୮ ଜଣଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ଚିହ୍ନଟ କରାଯାଇଥିଲା। ଏହାଛଡା ଅନ୍ୟ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇ ଆଖିଡ୍ରପ ଓ ଚଷମା ବ୍ୟବହାର ପାଇଁ ପରାମର୍ଶ ଦିଆଯାଇଥିଲା। ସ୍ଥାନୀୟ ସରପଞ୍ଚ ସୁଷମା ମଲ୍ଲିକ, ନାଏବ ସରପଞ୍ଚ କୃଷ୍ଣଚନ୍ଦ୍ର ଦାସ, କେଦାରନାଥ ମଲ୍ଲିକ, ଝରଣା ମଲ୍ଲିକ, ସାମାଜିକ କର୍ମୀ ପ୍ରଭାକର ମଲ୍ଲିକ, ବିକ୍ରମ ସିଂହ, ମୁନୁ ସାହୁ, ଚନ୍ଦ୍ରଶେଖର ସିଂହ, ସନ୍ତୋଷ ସିଂହ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ୩ ଜଣ ରୋଗୀଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ କଟକ ନିଆଯାଇଥିଲା।

## ନବ ନିର୍ମାଣ କୃଷକ ସଂଗଠନର ବୈଠକ



ବାଲିକୁଦା,୭।୨(ସମିସ): ବାଲିକୁଦା ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ବଡ଼ଗାଁ ପଞ୍ଚାୟତ ମା’ କରକେଇ ପୀଠରେ ବାବାଜୀ ଚରଣ ଜେନାଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ କମିଟି ସଦସ୍ୟ ଦୁର୍ଗା ଚରଣ ସ୍ୱାଇଁ, ବ୍ଲକ ସଂଯୋଜକ ରଘୁନାଥ ନାୟକ, ଜିଲ୍ଲା ସହ ସଂଯୋଜକ ଅଶୋକ କୁମାର ସ୍ୱାଇଁ ଯୋଗ ଦେଇ ଚାଷୀଙ୍କ ଧାନ ସଂଗ୍ରହ ସଠିକ ଭାବେ ନହେବା, କଟ୍‌ନୀ ଛଟ୍‌ନୀ, ବସ୍ତା ଟଙ୍କା ଚାଷୀ ନପାଇବା ଏପରିକି ଚଳିତ ବର୍ଷ ସରକାର ଦେଇଥିବା ଟାର୍ଗେଟ ପୂରଣ ହେବା ନେଇ ଚାଷୀ ଆଶା ଆଶଙ୍କାରେ ଥିବା ସମ୍ପର୍କରେ ଆଲୋଚନା କରିଥିଲେ। ଏହାପରେ ସଂଗଠନ ପକ୍ଷରୁ ବାଲିକୁଦା ବିଡିଓ ସାଗର କୁମାର ନନ୍ଦ ଓ ତହସିଲଦାର ବିକାଶ ରଞ୍ଜନଙ୍କୁ ଭେଟି ଆଲୋଚନା ହେବା ସହ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରଶ୍ମି ରଥ, ପବିତ୍ର ନାୟକ, ଅମୂଲ୍ୟ ରାଉତ, ମିଟୁ ଦାସ, ବୃନ୍ଦାବନ ସ୍ୱାଇଁ, ବୃନ୍ଦାବନ ପରିଡା, ପ୍ରମୋଦ ମହାରଣା, ସଞ୍ଜୟ ସ୍ୱାଇଁ, ପ୍ରତାପ ସ୍ୱାଇଁ, ଜୟପ୍ରକାଶ ମହାନ୍ତି, ରବି ପାଇଟାଲ, ବ୍ରହ୍ମାନନ୍ଦ ମହାନ୍ତି ସାମିଲ ଥିଲେ। ଆସନ୍ତା ୧୦ ତାରିଖରେ ଏନେଇ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଥିଲା।

## ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତା



ପାରାଦୀପ,୭।୨(ସମିସ): ପାରାଦୀପ ଉପକଣ୍ଠ କୋଠୀ ପଞ୍ଚାୟତ ସିଜୁ ସ୍ଥିତ ଅଲେଖ ବଜାର ବଣିକ ସଂଘ ପକ୍ଷରୁ ପ୍ରଥମ ବାର୍ଷିକ ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମାଜସେବୀ ବାଳକୃଷ୍ଣ ଜେନା, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ମାୟାଧର ଦାସ, କୋଠୀ ସରପଞ୍ଚ ଲକ୍ଷ୍ମୀଧର ସାହୁ, ସମାଜସେବୀ ପ୍ରଶାନ୍ତ କୁମାର ଆଚାର୍ଯ୍ୟ, ବଗଦିଆ ସମିତି ସଭ୍ୟ ପବିତ୍ର ସେଠୀ ଓ ଫତେପୁର ସରପଞ୍ଚ ସିଦ୍ଧାର୍ଥ ପ୍ରଧାନ ପ୍ରମୁଖ ଯୋଗଦେଇ କଳାକାର ଓ ଦର୍ଶକ ମାନଙ୍କୁ ଉତ୍ସାହିତ କରିବା ସହ ଆଗାମୀ ଦିନରେ ଏହି ପ୍ରତିଯୋଗିତାକୁ ବୃହତ ଧରଣର କରିବା ପାଇଁ ଆହ୍ୱାନ ଦେଇଥିଲେ। ତେବେ ପ୍ରଥମ ରଜନୀରେ ଫତେପୁର ନିମସୁନ୍ଦରୀ ନାଟ୍ୟ ପରିଷଦ ତାର ନାଟକ ମଞ୍ଚସ୍ଥ କରିଥିଲା ଟିକେ ଖରା ଟିକେ ଛାଇ। ଏହି ମଞ୍ଚସ୍ଥ ନାଟକକୁ ଆସିଥିବା ହଜାର ହଜାର ସଂଖ୍ୟାର ଦର୍ଶକ ମାନେ ମନଭରି ଉପଭୋଗ କରିଥିଲେ। ତେବେ ପ୍ରଥମ ଥର ପାଇଁ ଅଲେଖ ବଜାର ଠାରେ ମୀନା ବଜାର ପଡ଼ିଥିବା ବେଳେ କୁନି କୁନି ପିଲା ମାନଙ୍କୁ ବେଶ୍ ଆକର୍ଷଣ କରିଥିଲା। ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅଲେଖ ବଜାର ବଣିକ ସଂଘର ସମସ୍ତ କର୍ମକର୍ତ୍ତା ମାନେ ସହଯୋଗ କରିଥିବା ବେଳେ ଏହି ନାଟକ ପ୍ରତିଯୋଗିତା ତିନିଦିନ ଧରି ଜାରୀ ରହିବ ବୋଲି ସଂଘର ସଭାପତି ସୂଚନା ଦେଇଛନ୍ତି।

## ଦର୍ଶନଶାସ୍ତ୍ର ବିଭାଗର ବାର୍ଷିକ ସମ୍ମାନ

ପାରାଦୀପ,୭।୨(ସମିସ): ପାରାଦୀପ ମହାବିଦ୍ୟାଳୟର ଦର୍ଶନଶାସ୍ତ୍ର ବିଭାଗ ପକ୍ଷରୁ ‘ଭଗବଦ୍ ଗୀତା: ମାନସିକ ଚାପ ନିୟନ୍ତ୍ରଣ ଓ ମାନସିକ ସନ୍ତୁଳନ ପାଇଁ ଏକ ମାର୍ଗଦର୍ଶିକା’ ଶୀର୍ଷକ ଉପରେ ଏକ ଆଲୋଚନାଚକ୍ର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚୌଦ୍ୱାର ଡିଗ୍ରୀ କଲେଜର ଅଧ୍ୟାପକ ଦେବାଶିଷ ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉକ୍ତ ବିଷୟ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା କୁଜଙ୍ଗ ମହାବିଦ୍ୟାଳୟ ଅତୋଳା ପ୍ୟାରୀ ମହାରଣା ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପାରାଦୀପ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସସ୍ମିତା ଶତପଥି ପୌରୋହିତ୍ୟ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଦର୍ଶନଶାସ୍ତ୍ର ବିଭାଗର ବିଭାଗୀୟ ମୁଖ୍ୟ ବ୍ରହ୍ମାନନ୍ଦ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିବା ସହ ବିଷୟବସ୍ତୁ ସମ୍ପର୍କରେ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦର୍ଶନଶାସ୍ତ୍ର ବିଭାଗର ୧ମ ବର୍ଷର ଛାତ୍ର ସୁବ୍ରତ ଗାୟନ୍ ବାର୍ଷିକ ବିବରଣୀ ପାଠ କରିଥିଲେ। ପାରାଦୀପ ମହାବିଦ୍ୟାଳୟର ସୁଶ୍ରୀ ଶୁଭଲକ୍ଷ୍ମୀ ଓଝା, ଗୀତାଞ୍ଜଳି ବହିରା ଓ କୁଜଙ୍ଗ ମହାବିଦ୍ୟାଳୟର ସୁଜାତା ପରିଡ଼ା ଆଲୋଚନା ବିଷୟବସ୍ତୁ ସମ୍ପର୍କରେ ନିବନ୍ଧ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ ଗଣେଶ୍ୱର ପାତ୍ର, ଡ. ସନ୍ତୋଷ କୁମାର ସାମଲ, ଅକ୍ଷୟ ଚନ୍ଦ୍ର ମିଶ୍ର, ରଞ୍ଜନକୁମାର ତ୍ରିପାଠୀ, ଜୀବନାନନ୍ଦ ଦାସ, ପ୍ରତୀକ କୁମାର ପଣ୍ଡା, ସୁଜିତ୍ କୁମାର ଭୋଇ, ଅଭିଷେକ ବିଶ୍ୱାଳ, ସୁବ୍ରତ ରଞ୍ଜନ ଓ ଅଧ୍ୟାପିକା ମାନଙ୍କ ମଧ୍ୟରେ ସୁଚିତ୍ରା ପ୍ରଧାନ, ସଂଘମିତ୍ରା ପ୍ରଧାନ, ଡ. ମମତା ଖଣ୍ଡାୟତରାୟ, ଡ.ଶୁଭଶ୍ରୀ ନାୟକ, ଡ.ତପସ୍ୱିନୀ ବେହେରା, ଶାଶ୍ୱତୀ ପଟ୍ଟନାୟକ, ସୁଶ୍ରୀସ୍ମିତା ବେହେରା, କାଦମ୍ବିନୀ ସାହୁ, କବିତା ପ୍ରଧାନ, ସୌମ୍ୟା ପି. ରଟସିଂହ, ବିଶ୍ୱକଲ୍ୟାଣୀ ସାହୁ, ଖୀରାବ୍ଧି ତନୟା ବିଶ୍ୱାଳ, ଯଶୋଦା ବେହେରା ଓ ଶୁଭସ୍ମିତା ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। କୁଜଙ୍ଗ ମହାବିଦ୍ୟାଳୟର ୧୫ ଜଣ ଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଶେଷରେ ଦର୍ଶନଶାସ୍ତ୍ର ବିଭାଗର ଅଧ୍ୟାପିକା ସୁଶ୍ରୀ ପାର୍ବତୀଦେବୀ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପାରାଦୀପ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ପାରାଦୀପ,୭।୨(ସମିସ): ପାରାଦୀପ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳନ କରାଯାଇଛି। ଏହି ଭବ୍ୟ ଉତ୍ସବରେ ମୁଖ୍ୟଅତିଥି ଭାବେ କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଜୀବନରେ ସଫଳତା ପାଇବାକୁ ହେଲେ ସବୁ ସମସ୍ୟାକୁ ଅତିକ୍ରମ କରି ଶିକ୍ଷକ ଶିକ୍ଷୟତ୍ରୀଙ୍କ ପରାମର୍ଶ ଓ ଆଶୀର୍ବାଦ ନେବା ଉଚିତ୍ ବୋଲି ଉଦବୋଧନ ଦେଇଥିଲେ। ଏଥିରେ ପାରାଦୀପ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସସ୍ମିତା ଶତପଥୀ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପାରାଦୀପ ବନ୍ଦରର ମୁଖ୍ୟ ଅର୍ଥ ପରାମର୍ଶଦାତା ଅଶୋକ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଗୋଆ କାର୍ବନର ୟୁନିଟ୍ ହେଡ୍ ବେଣୁଗୋପାଳ ନାଇଡୁ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଜୀବନରେ ନିଷ୍ଠାପର ଭାବେ କାର୍ଯ୍ୟକଲେ ସଫଳତା ମିଳିବ ବୋଲି ମତବ୍ୟକ୍ତ କରିଥିଲେ। ଇଂରାଜୀ ବିଭାଗର ମୁଖ୍ୟ ଅଧ୍ୟାପକ ଗଣେଶ୍ୱର ପାତ୍ର ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ରସାୟନ ବିଜ୍ଞାନ ବିଭାଗର ପ୍ରାଧ୍ୟାପିକା ତଥା ବିଭାଗୀୟ ମୁଖ୍ୟ ଡ. ସ୍ମିତା ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଇତିହାସ ବିଭାଗର ମୁଖ୍ୟ ଅଧ୍ୟାପକ ଅକ୍ଷୟ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ମହାବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ତତସହିତ ମେଲୋଡି କାର୍ଯ୍ୟକ୍ରମ ମଧ୍ୟ ପରିବେଷଣ କରାଯାଇଥିଲା।

### ଅଖିଳ ଭାରତ ବୃହତ୍ ବନ୍ଦର କବାଡ଼ି ପ୍ରତିଯୋଗିତା

# ପାରାଦୀପ, ଚେନ୍ନାଇ, ମୁମ୍ବାଇ ଓ ଜେଏନ୍‌ପିଏ ସେମିରେ

ପାରାଦୀପ, ୭।୨ (ସମିସ)



ପାରାଦୀପ ବନ୍ଦର ଓ ଅଖିଳ ଭାରତ ବୃହତ୍ ବନ୍ଦର ଖେଳ ପ୍ରାଧିକରଣର ମିଳିତ ଆନୁକୂଲ୍ୟରେ ପାରାଦୀପର ବିଜୁ କନେଭେସନ୍ ସେଣ୍ଟର୍ ଠାରେ ଆୟୋଜିତ ୪୧ ତମ ଅଖିଳ ଭାରତ ବୃହତ୍ ବନ୍ଦର କବାଡ଼ ପ୍ରତିଯୋଗିତାର ଲିଗ୍ ପର୍ଯ୍ୟାୟରେ ଚେନ୍ନାଇ ବନ୍ଦର ପାରାଦୀପ ଓ ଦୀନଦୟାଲ ବନ୍ଦରକୁ, ମୁମ୍ବାଇ ବନ୍ଦର ଏନ୍‌ଏମ୍‌ପିଏ ଓ ବିଶାଖପାଟଣା ବନ୍ଦରକୁ ତଥା ଜେଏନପିଏ ବନ୍ଦର ଏନଏମପିଏ ଓ ବିଶାଖାପାଟଣା ବନ୍ଦରକୁ ପରାସ୍ତ କର ସେମି ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଆସନ୍ତାକାଲି ଆୟୋଜକ ପାରାଦୀପ ବନ୍ଦର ମୁମ୍ବାଇ ବନ୍ଦରକୁ ତଥା ଚେନ୍ନାଇ ବନ୍ଦର ଜବାହରଲାଲ ନେହେରୁ ବନ୍ଦରକୁ ସେମିଫାଇନାଲରେ ଭେଟିବ। ଆଜିର ମ୍ୟାଚରେ ବନ୍ଦର ଉପାଧ୍ୟକ୍ଷ ଟି. ଭେନୁଗୋପାଲ ଓ ମୁଖ୍ୟ ଅର୍ଥ ପରାମର୍ଶଦାତା ଅଶୋକ ସାହୁ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

## ବିଜେପି ନେତାଙ୍କ ଗୁଣ୍ଡାଗିରିର ପ୍ରତିବାଦ ଜିଲ୍ଲାପାଳଙ୍କୁ ଭେଟିଲେ ବିଧାୟକ



ଜଗତସିଂହପୁର,୭।୨(ସମିସ): ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରଘୁନାଥପୁର ବ୍ଲକ ଅଞ୍ଚଳରେ ବିଜେପି ନେତାଙ୍କ ଗୁଣ୍ଡାଗିରିର ପ୍ରତିବାଦ କରିଛନ୍ତି ବିଜେଡି ଜନ ପ୍ରତିନିଧି। ବାରମ୍ବାର ସରକାରୀ ଦଳର କୁଜି ନେତାମାନେ ରଘୁନାଥପୁର ବ୍ଲକରେ କାର୍ଯ୍ୟରତ ଅଧିକାରୀ, ଯନ୍ତ୍ରୀ ଏବଂ କର୍ମଚାରୀଙ୍କ କାର୍ଯ୍ୟରେ ଅଯଥା ହସ୍ତକ୍ଷେପ କରୁଥିବାରୁ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଗତବର୍ଷ ମଧ୍ୟ ତରିକୁନ୍ଦ ଠାରେ ଆୟୋଜିତ ଏକ ସରକାରୀ କାର୍ଯ୍ୟକ୍ରମକୁ ଭଣ୍ଡୁର କରିବା ସହିତ ଜଣେ ମହିଳା ଯନ୍ତ୍ରୀ ଏବଂ ଅନ୍ୟ ସରକାରୀ ଅଧିକାରୀ/କର୍ମଚାରୀଙ୍କୁ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିଥିଲେ। ତେଣୁ ଏଭଳି ନିୟମ ବିରୋଧ କାର୍ଯ୍ୟ କରୁଥିବା ବିଜେପି ନେତା ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଜେଡି ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି। ଆଜି ସନ୍ଧ୍ୟାରେ ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇଙ୍କ ନେତୃତ୍ୱରେ ରଘୁନାଥପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ, ଉପାଧ୍ୟକ୍ଷ, ବିଜେଡି ସମର୍ଥିତ ସରପଞ୍ଚ, ସମିତି ସଭ୍ୟ/ସଭ୍ୟା ମାନେ ଜୀଲ୍ଲାପାଳ ଜେ. ସୋନାଲଙ୍କୁ ଭେଟି ଉପରୋକ୍ତ ପ୍ରସଙ୍ଗରେ ଆଲୋଚନା କରିବା ସହିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ରାସ୍ତାକୁ ଅବରୋଧ କରି ଚାଲିଛି କେନାଲ ପୋଲ

# ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ପାଇଁ ଲୋକେ ହନ୍ତସନ୍ତ

ପଞ୍ଚୁପାଣ୍ଡବ,୭।୨(ସମିସ)



ପଟ୍ଟାମୁଣ୍ଡାଇ ୮ ନମ୍ବର କେନାଲ ବନ୍ଧରେ ବାଲି, ଗୋଡ଼ି ପକାଇ ରାସ୍ତାକୁ ଅବରୋଧ କରି ଠିକାଦାର ମନମୁଖୀ କାମ କରୁଥିବା ଦେଖିବାକୁ ମିଳୁଛି। ଫଳରେ ଲୋକେ ହନ୍ତସନ୍ତ ହେଉଛନ୍ତି। ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ନୋଳସାହି ନିକଟ କେନାଲରେ ଏକ ପୋଲ ନିର୍ମାଣ ପାଇଁ ଠିକାଦାର ଜଣକ ଦୁଇଦିନ ହେଲା ବାଲି ଓ ଗୋଡ଼ି ପକାଇ ରାସ୍ତାକୁ ଅବରୋଧ କରିଛନ୍ତି। ରାସ୍ତା ଅବରୋଧ କରି ମଝି ରାସ୍ତାରେ ମେଣ୍ଟାଲ ଗୋଡ଼ି ରଖି ଥିବାବେଳେ ଯିବାଆସିବା ପାଇଁ ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରତିଦିନ ଏହି ରାସ୍ତା ଦେଇ ଯିବାଆସିବା କରୁଥିବା ଲକ୍ଷ୍ମୀ ବସ୍ ବି ଯିବା ଆସିବା କରିପାରୁନାହିଁ। ବିଭିନ୍ନ ବିଦ୍ୟାଳୟକୁ ଚାଲୁଥିବା ଗାଡ଼ି ଅନ୍ୟତ୍ର ବୁଲି ଯାଉଥିବା ଅଭିଯୋଗ ହେଉଛି। କାମ ପାଇଁ ଆସିଥିବା ମେଟାଲ ରାସ୍ତା ଅବରୋଧ କରି ମଝିରେ ରଖିଥିବାରୁ ଗାଡ଼ି ଚାଳକ ପଡି ଖଣ୍ଡିଆ ଖାବରା ହେଉଥିବା ଅଞ୍ଚଳବାସୀ କହିଛନ୍ତି। ବେଣୀପୁର, ଛୋଟି, ମଙ୍ଗଳପୁର, ବାଲିଚନ୍ଦ୍ରପୁର, ବରୀ ବ୍ଲକର ରତ୍ନଗିରି, କଣ୍ଟଗଡ଼ରୁ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ଜାଗାକୁ ଲୋକେ ଯାନବାହନରେ ଯାତାୟାତ କରନ୍ତି। ରାସ୍ତାରୁ ବାଲି ଗୋଡ଼ି ହଟାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସେତୁ କ୍ୟାମ୍ପ କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ | ୫ ବାଇକ୍ ସହ କାର୍ ଜଳିଗଲା



କେନ୍ଦ୍ରାପଡ଼ା,୭।୨(ସମିସ): କେନ୍ଦ୍ରାପଡା ଜିଲ୍ଲା ଗରଦପୁର ବ୍ଲକ ଅନ୍ତର୍ଗତ ବିଚଣା ଗ୍ରାମ ନିକଟରେ ନିର୍ମାଣାଧୀନ ସେତୁର କ୍ୟାମ୍ପ କାର୍ଯ୍ୟାଳୟରେ ଶନିବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ ୫ଟି ବାଇକ୍, ଗୋଟିଏ କାର ସହ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜଳି ନଷ୍ଟ ହୋଇଥିବା ସୂଚନା ମିଳିଛି। ସୂଚନା ମୁତାବକ, ସେତୁ ନିର୍ମାଣ କାମ ପାଇଁ ଥିବା କ୍ୟାମ୍ପ କାର୍ଯ୍ୟାଳୟରେ କର୍ମଚାରୀ ରୋଷେଇ କରୁଥିବା ସମୟରେ ହଠାତ୍ ଗ୍ୟାସ ଟାଙ୍କି ଫାଟି ଅଗ୍ନିକାଣ୍ଡ ଘଟିଥିଲା। ନିଆଁ ଦ୍ରୁତ ଗତିରେ ଚାରିପାଖରେ ପ୍ରସାରିତ ହେବାରୁ କ୍ୟାମ୍ପ ଭିତରେ ରଖାଯାଇଥିବା ଯାନବାହନ ଓ ଅନ୍ୟାନ୍ୟ ସାମଗ୍ରୀ ପୋଡ଼ି ଯାଇଥିଲା। ଖବର ପାଇ ସ୍ଥାନୀୟ ଅଗ୍ନିଶମ ବିଭାଗ କର୍ମଚାରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିକାଣ୍ଡକୁ ନିୟନ୍ତ୍ରଣ କରିଥିଲେ। ଅଗ୍ନିକାଣ୍ଡରେ କେହି ଆହତ ହୋଇ ନ ଥିବା ଜଣାପଡ଼ିଛି। ତଥାପି ଏହି ଘଟଣାରେ ଲକ୍ଷାଧିକ ଟଙ୍କାର କ୍ଷତି ହୋଇଥିବା ଅନୁମାନ କରାଯାଉଛି। ଅଗ୍ନିକାଣ୍ଡର ସଠିକ୍ କାରଣ ଓ କ୍ଷତିର ପରିମାଣ ନେଇ ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ସେତୁ ନିର୍ମାଣ କାର୍ଯ୍ୟସ୍ଥଳରେ ସୁରକ୍ଷା ବ୍ୟବସ୍ଥା ଓ ଅଗ୍ନି ନିର୍ବାପଣ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି।

## ଧର୍ମପ୍ରାଣ ମହିଳାଙ୍କ ପରଲୋକ

ପଟ୍ଟାମୁଣ୍ଡାଇ,୭।୨(ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ ବିରଞ୍ଚି ନାରାୟଣ ଦାଶଙ୍କ ପତ୍ନୀ ତଥା ଧର୍ମପ୍ରାଣ ମହିଳା ଶାନ୍ତିଲତା ଦାଶଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ବିରଞ୍ଚି, ପୁତ୍ର ଡା. ରବିନାରାୟଣ ଦାଶ, ପ୍ରଫେସର ଜିତେନ୍ଦ୍ର ନାରାୟଣ ଦାଶ ଓ ସତ୍ୟନାରାୟଣ ଦାଶ, ସମାଜସେବୀ ସୁଶାନ୍ତ ପଣ୍ଡା, ଯୁବନେତା ପରେଶ ସାହୁ, ପ୍ରସନ୍ନଜିତ ସାହୁଙ୍କ ସମେତ ବନ୍ଧୁ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ହରିଅଙ୍କ ମେଳଣ ପ୍ରସ୍ତୁତି ବୈଠକ



ଡେରାବିଶ,୭।୨(ସମିସ): ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ଶ୍ରୀଶ୍ରୀ ଦଧିବାମନଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ହରିଅଙ୍କ ମେଳଣ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପତିତପାବନ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମେଳଣରେ ଯୋଗଦେଉଥିବା ୬୫ଟି ଠାକୁରବାଡ଼ିର ପରିଚାଳକ ଓ ଭଦ୍ରବ୍ୟକ୍ତି ଯୋଗ ଦେଇଥିଲେ। ମେଳଣ ତତ୍ତ୍ୱାବଧାରକ ସୁଧାକର ଶତପଥୀ ଦୋଳ ପୂର୍ଣ୍ଣିମାରେ ଅନୁଷ୍ଠିତ ହେଉଥିବା ଏହି ମେଳଣ ଦିନ ଚଳିତ ବର୍ଷ ଚନ୍ଦ୍ର ଗ୍ରହଣ ହେଉଥିବାରୁ ପୂର୍ବ ସମୟ ନିର୍ଘଣ୍ଟରେ ପରିବର୍ତ୍ତନ କରିବାକୁ ଅନୁରୋଧ କରିଥିଲେ। ଗାଦିଶ୍ୱର ବିମାନ ଚନ୍ଦ୍ର ଗ୍ରହଣ ମୋକ୍ଷ ହେବା ପରେ ରାତ୍ର ୯ ଘଟିକା ସମୟରେ ମେଳଣ ପଡ଼ିଆରେ ଉପବେଶନ କରିବା ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲା। ପରେ ଲୁଣାନଦୀ ଆରପଟୁ ଆସୁଥିବା ଦାନପୁରର ୯ ଖଣ୍ଡ ବିମାନ ରାତି ୧୧ଟା ସୁଦ୍ଧା ମେଳଣ ପଡ଼ିଆରେ ପହଞ୍ଚିବାକୁ ପ୍ରସ୍ତାବ ଆଗତ କରାଯାଇଥିଲା। ପରେ ଅନ୍ୟ ବିମାନ କ୍ରମାନ୍ୱୟରେ ନିଜ ନିଜ ନିର୍ଦ୍ଧାରିତ ଦିଗରୁ ଆସି ମେଳଣ ପଡ଼ିଆରେ ଉପବେଶନ କରିବେ। ମେଳଣ ପଡ଼ିଆ ଓ ବିମାନ ଶୋଭାଯାତ୍ରା ହେଉଥିବା ରାସ୍ତାକୁ ଆଲୋକୀକରଣ କରିବା ପାଇଁ ସମାଜସେବୀ ସୁଖଦାନନ୍ଦ ପ୍ରଧାନଙ୍କୁ ଅନୁରୋଧ କରାଯାଇଥିଲା। ଏଥିସହିତ ବିମାନ ଶୋଭାଯାତ୍ରାରେ ପାରମ୍ପରିକ ବାଦ୍ୟ ବ୍ୟବହାର କରିବାକୁ ଠାକୁରବାଡ଼ି କର୍ମକର୍ତ୍ତାଙ୍କୁ କୁହାଯାଇଥିଲା। ଏହି ମେଳଣ ପାଇଁ ଠାକୁରୀବାଡ଼ି ସେବକଙ୍କ ପକ୍ଷରୁ କଳା ସଂସ୍କୃତି ବିଭାଗ ପକ୍ଷରୁ ଆର୍ଥିକ ଅନୁଦାନ ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଆବେଦନ କରିବା ପାଇଁ ପ୍ରସ୍ତାବ ଆଗତ ହୋଇଥିଲା। ସମସ୍ତ ବିମାନ ସମ୍ମୁଖରେ ରାତ୍ର ୨ଟା ସମୟରେ ଭୋଗଲାଗି କରାଯିବା ପରେ ବିମାନଗୁଡ଼ିକ କ୍ରମାନ୍ୱୟରେ ନିଜ ନିଜ ଗ୍ରାମକୁ ଫେରିବେ ବୋଲି ବୈଠକରେ ସ୍ଥିର କରାଯାଇଥିଲା। ନିଶିକାନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାରେ ଯୁବକ ମୃତ

ଡେରାବିଶ, ୭।୨(ସମିସ): କେନ୍ଦ୍ରାପଡ଼ା ସଦର ଥାନା ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ଚାନ୍ଦୋଳ ବଜାରରେ ଆଜି ଅପରାହ୍ନରେ କଟକ ଆଡ଼କୁ ଯାଉଥିବା ଏକ ବାଇକ୍ ଆରୋହୀ ଭାରସାମ୍ୟ ହରାଇ ରାସ୍ତାରେ ପଡ଼ିଯିବାରୁ କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିବା କାର୍ ତାଙ୍କ ଉପରେ ଚଢ଼ିଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସ ଯୋଗେ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ଜଣାଯାଇଛି। ମୃତକଙ୍କ ଘର ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ଅନ୍ତର୍ଗତ ବିଜିପୁର ଗ୍ରାମରେ ହୋଇଥିବାବେଳେ ତାଙ୍କ ନାମ ତ୍ରିଲୋଚନ ମୁଦୁଲି (୨୭) ବୋଲି ଜଣାଯାଇଛି। ଚାନ୍ଦୋଳ ଫାଣ୍ଡି ପୁଲିସ ପହଞ୍ଚି ବାଇକ୍ ଓ କାର୍‌କୁ ଜବତ କରିଛି।

## ବାୟା ବାବା କଲେଜରେ ମନଇଚ୍ଛା କଟାଯାଉଛି ଗଛ

ମହାକାଳପଡ଼ା,୭।୨(ସମିସ): ସ୍ଥାନୀୟ ବାୟା ବାବା କଲେଜ ପରିସରରେ ଥିବା ଗଛ ମନଇଚ୍ଛା କଟାଯାଉଥିବା ଅଭିଯୋଗ ହେଉଛି। ଶିକ୍ଷାନୁଷ୍ଠାନ ପରିସରରେ ଥିବା ମୂଲ୍ୟବାନ ଓ ପରିବେଶ ସଂରକ୍ଷଣରେ ଗୁରୁତ୍ୱପୂର୍ଣ୍ଣ ଗଛ କଟାଯାଉଥିବା ଦୃଶ୍ୟ ଦେଖି ସ୍ଥାନୀୟ ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି। କୌଣସି ସୂଚନା ଫଳକ ବା ସରକାରୀ ଅନୁମତି ପ୍ରଦର୍ଶନ ନ କରି ଏହି ଗଛ କଟା କାର୍ଯ୍ୟ ଚାଲିଥିବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏ ନେଇ ପ୍ରଶାସନ ଚିରନିଦ୍ରାରେ ଥିବା ଭଳି ଅନୁଭବ ହେଉଛି ବୋଲି ସାଧାରଣରେ ଆଲୋଚନା ହେଉଛି। ଏତେ ଗଛ କାଟିବା ପାଇଁ ଅନୁମତି କିଏ ଦେଲା? ବନ ବିଭାଗ କିମ୍ବା ପରିବେଶ ସମ୍ବନ୍ଧୀୟ କୌଣସି ଅନୁମୋଦନ ନିଆଯାଇଥିଲା କି ନାହିଁ, ଏହା ଜଣାପଡ଼ିନି। ପରିବେଶପ୍ରେମୀ ଓ ସଚେତନ



ନାଗରିକ ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିଆଯିବାକୁ ଦାବି ହେଉଛି।

## ଶିକ୍ଷକ ଗୌରବ ବନମାଳୀ ସ୍ମାରକୀ ପ୍ରତିଭା ବିକାଶ କାର୍ଯ୍ୟକ୍ରମ



ରାଜନଗର,୭।୨(ସମିସ): ରାଜନଗର ବ୍ଲକ୍ ବନ୍ଧପଡ଼ା ପଞ୍ଚାୟତ ଅନ୍ତର୍ଗତ ସିଦ୍ଧେଶ୍ୱରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ରାଜନଗର ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ପୃଷ୍ଠପୋଷକତାରେ ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରି ସ୍ମାରକୀ ପ୍ରତିଭା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ଦାମୋଦର ସ୍ୱାଇଁଙ୍କ ପୌରୋହିତ ଓ ସମ୍ପାଦକ ଚିତ୍ତରଞ୍ଜନ ସାହୁଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ବନ୍ଧପଡା ସରପଞ୍ଚ ପୁଷ୍ପଲତା ପାତ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଶରତ ମହାପାତ୍ର, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ପୁଷ୍ପଲତା ସିଂହ, ଶିକ୍ଷାବିତ ବିକ୍ରମ ଦାସ, ସୁକାନ୍ତ ବେହେରା, ଧନେଶ୍ୱର ପାତ୍ର, ସୁଶାନ୍ତ ପ୍ରଧାନ, ନଳିନୀ ରାଉତରାୟ, ସୁବାସ ବିଶ୍ୱାଳ, ବିଜୟ ଜେନା, ମହେଶ୍ୱର ରାଉତ, କଳାକର ସାହୁ, ଚନ୍ଦ୍ରକାନ୍ତି ଧଳ, ଦୟାନିଧି ସ୍ୱାଇଁ, ଅଶୋକ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ଅନୁଷ୍ଠାନ ପକ୍ଷରୁ ପଣ୍ଡିତ ଶରତ ମହାପାତ୍ର, ଶିକ୍ଷାବିତ ସୁବାସ ବିଶ୍ୱାଳ, ଦାମୋଦର ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ କଳାକର ସାହୁ ଧନ୍ୟବାଦ ଦେଇଥିଲେ।

## ପଟ୍ଟାମୁଣ୍ଡାଇ କଲେଜ ଓଡ଼ିଆ ସାହିତ୍ୟ ସମାଜର ବାର୍ଷିକ ଉତ୍ସବ



ପଟ୍ଟାମୁଣ୍ଡାଇ,୭।୨(ସମିସ): ପଟ୍ଟାମୁଣ୍ଡାଇ କଲେଜ ଓଡ଼ିଆ ସାହିତ୍ୟ ସମାଜର ୫୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଉଚ୍ଚଶିକ୍ଷା ବିଭାଗର ପ୍ରାକ୍ତନ ଆଞ୍ଚଳିକ ନିର୍ଦ୍ଦେଶକ ରଂଜିତ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଧୁନିକ ଯୁଗରେ ଓଡ଼ିଆ ଭାଷା ଓ ସାହିତ୍ୟର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ଶ୍ରୀକାନ୍ତ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ସଂସ୍କୃତିର ଐତିହ୍ୟ ଓ ସାମ୍ପ୍ରତିକ ପ୍ରାସଙ୍ଗିକତା ଉପରେ ପର୍ଯ୍ୟାଲୋଚନା କରିଥିଲେ। ଅଧ୍ୟକ୍ଷ ପ୍ରଫେସର ପାତ୍ର ସ୍ୱାଗତ ଭାଷଣ ଓ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ପ୍ରମୋଦ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଡ. ଲକ୍ଷ୍ମୀପ୍ରିୟା ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରାଧ୍ୟାପକ ଡ. ରମେଶ ସାହୁ, ଅମୀୟ ଦାସ, କ୍ୟାପଟେନ ମନୋଜ ପରିଡା, ଅଧ୍ୟାପକ ଚିନ୍ମୟ ସାମଲ, ଅଧ୍ୟାପିକା ସାଗ୍ନିକା ଧଳ, ଚାନ୍ଦସ୍ମିତା ନାୟକ, ଅଧ୍ୟାପକ ପ୍ରଦ୍ୟୁମ୍ନ ପ୍ରଧାନ, ମନୋଜ ଦାସ, ରଞ୍ଜନ ଗାହାଣ, ଅନୀଲ ଦାସ, ଅଧ୍ୟାପିକା ନିବେଦିତା ବେହେରା ଓ ରଶ୍ମିତା ପାଣିଗ୍ରାହୀ, ଶୁଭଲକ୍ଷ୍ମୀ ପ୍ରଧାନ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଅଧ୍ୟାପକ ଚିନ୍ମୟ ସାମଲ ଧନ୍ୟବାଦ ଦେଇଥିଲେ।

## ସାନ୍ଧ୍ୟ ମହାବିଦ୍ୟାଳୟରେ ବିପର୍ଯ୍ୟୟ ପରିଚାଳନା ଶିବିର

ଡେରାବିଶ, ୭।୨(ସମିସ): କେନ୍ଦ୍ରାପଡ଼ା ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟରେ ବିପର୍ଯ୍ୟୟ ପରିଚାଳନା ଓ ପ୍ରାଥମିକ ଚିକିତ୍ସା ସେବା ଶିବିର ଆୟୋଜିତ ହୋଇଛି। ମୁଖ୍ୟଅତିଥି ଭାବେ ଡେରାବିଶ ବିଡିଓ ନମିତା ବାରିକ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିବା ସହ ଆଜିର ସମୟରେ ପ୍ରକୃତିର ସନ୍ତୁଳନ ରହୁନାହିଁ, ଖରା ହେଉ ବା ବର୍ଷା ଠିକ ସମୟରେ ହେଉ ନାହିଁ। ଆବଶ୍ୟକତାଠାରୁ ଅଧିକା ହେଉଛି। ଫଳରେ ପ୍ରକୃତି ତା'ର କରାଳ ରୂପ ଦେଖାଉଛି। ଏହି ସମୟରେ ଆମେ ସଚେତନ ହେବାର ଆବଶ୍ୟକ ରହିଛି। ଯୁବପିଢ଼ି ସଚେତନ ହେବା ଆବଶ୍ୟକ। ବନ୍ୟା ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଯୁବବର୍ଗଙ୍କୁ କଲେଜରେ ଦିଆଯାଇଥିବା ପ୍ରଶିକ୍ଷଣ କାମରେ ଆସିଥାଏ ବୋଲି ଶ୍ରୀମତୀ ବାରିକ କହିଥିଲେ। ସମ୍ମାନିତ ଅତିଥି ଭାବେ ଡ. ପଦ୍ମଜା କବି ଶତପଥୀ, ପ୍ରଶିକ୍ଷକ ବିରଜା ପ୍ରସାଦ ପତି, ଓସଡମାର ମାଷ୍ଟର ଟ୍ରେନର ଦୁର୍ଯ୍ୟୋଧନ ସାହୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅଧକ୍ଷା ଆଦ୍ୟାରଶ୍ମି ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏହି ଆନ୍ତଃମହାବିଦ୍ୟାଳୟ ଜିଲ୍ଲାସ୍ତରୀୟ ସେବା ଶିବିରରେ ୨୫୦ ଜଣ ସ୍ୱେଚ୍ଛାସେବୀ ଓ ୨୦ ଜଣ କାର୍ଯ୍ୟକ୍ରମ ଅଧିକାରୀ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ଶିଶିରକାନ୍ତ ମହାପାତ୍ର ମଞ୍ଚ ପରିଚାଳନାବେଳେ ପ୍ରୋଗ୍ରାମ ଅଫିସର ମୃତ୍ୟୁଞ୍ଜୟ ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ବୈଠକ



ଡେରାବିଶ, ୭।୨(ସମିସ): ଚାନ୍ଦୋଳସ୍ଥ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ସଂଘର କେନ୍ଦ୍ରାପଡ଼ା ଜିଲ୍ଲା ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନିତ୍ୟାନନ୍ଦ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ପ୍ରତିଷ୍ଠାତା ତଥା ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ ତ୍ରିପାଠୀ ଯୋଗଦେଇ କେନ୍ଦ୍ରାପଡ଼ା ଜିଲ୍ଲାରେ ଦୀର୍ଘବର୍ଷ ଧରି ଲାଗିରହିଥିବା ବିଭିନ୍ନ ସମସ୍ୟାର ସମାଧାନ ନ ହେବା, ଝିଅ ବିଭାଘର ଅନୁଦାନ ଏକଲକ୍ଷକୁ ବୃଦ୍ଧି କରିବା, ନିର୍ମାଣ ଶ୍ରମିକ ପେନସନ୍ ଯୋଜନାରେ ପେନସନ୍ ରାଶି ୫୦୦୦ ଟଙ୍କା ପ୍ରଦାନ କରିବା ଓ ପଡ଼ିରହିଥିବା ନିର୍ମାଣ ଶ୍ରମିକଙ୍କ ଅନୁଦାନ ତୁରନ୍ତ ପ୍ରଦାନ କରିବା ପାଇଁ ଦାବି କରିଥିଲେ। ଯଦି ନିର୍ମାଣ ଶ୍ରମିକଙ୍କ ସମସ୍ୟାର ସମାଧାନ କରା ନ ଯାଏ, ତେବେ ନିର୍ମାଣ ଶ୍ରମିକ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଶ୍ରୀ ତ୍ରିପାଠୀ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେକ୍ ରିଆଜୁଦ୍ଦିନ୍, ମହେଶ୍ୱର ନାୟକ, ଜଗଦିଶ କଟାଳ, ଜଗନ୍ନାଥ ବେହେରା, ବିଶ୍ୱମ୍ଭର ଗିରି, କାର୍ତ୍ତିକ ବେହେରା, ଅନିରୁଦ୍ଧ ପୃଷ୍ଟି ପ୍ରମୁଖ ପ୍ରମୁଖ ଯୋଗ ଦେଇଥିଲେ। ଧିରେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରରେ ସାଂସ୍କୃତିକ ଉତ୍ସବ

ରାଜନଗର,୭।୨(ସମିସ): ରାଜନଗର ସରସ୍ୱତୀ ଶିଶୁ ମନ୍ଦିରରେ ସାଂସ୍କୃତିକ ଉତ୍ସବ ଉଦ୍‌ଯାପିତ ହୋଇଛି। ପ୍ରଥମ ଦିନ ସୁଲିଖନ, ଚିତ୍ରାଙ୍କନ, ସାଧାରଣ ଜ୍ଞାନ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା, ଦ୍ୱିତୀୟ ଦିନ ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ସୁଲେଖ ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସିଆରସିସି ବୈଲୋଚନ ଦାସ, ମୁଖ୍ୟବକ୍ତା ଭାବେ ସୁବାସ ଜେନା ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଟୋଇ ପତ୍ରିକା ସମ୍ପାଦକ କବି ଶତ୍ରୁଘ୍ନ ତରାଇ, ମୁଖ୍ୟବକ୍ତା ଭାବେ ଶିଶୁ ମନ୍ଦିରର ସମ୍ପାଦକ ଦୋଳଗୋବିନ୍ଦ ଜେନା ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ବିଚାରକ ଭାବେ ପ୍ରଗତି ସେଠୀ, ସୁଶାନ୍ତ ବେହେରା, ପଦ୍ମାଳୟା ପଣ୍ଡା, ସଲୋନୀ ଘଡାଇ ଯୋଗଦେଇଥିଲେ। ଶିଶୁ ମନ୍ଦିରର ଗୁରୁଜୀ ବିଭୂତି ଲେଙ୍କା, କୈଳାସ ଜେନା, ଗୁରୁମା



ଯୋଗଦେଇ ଛାତ୍ରଛାତ୍ରୀ ପାରଦର୍ଶିତା ଲାଭ ପାଇଁ ପ୍ରତ୍ୟେକ କାର୍ଯ୍ୟରେ ନିଷ୍ଠା ରଖିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ତୃତୀୟ ଦିନରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ଶ୍ରୀ ଶୁଭଶ୍ରୀ ଲେଙ୍କା, ସ୍ୱପ୍ନାରାଣୀ ସାହୁ, ପ୍ରଣତୀ ସ୍ୱାଇଁ, କବିତା ବାରିକ, ଜ୍ୟୋତିର୍ମୟୀ ସାହୁ, ସଙ୍ଗୀତା ସାହୁ, ଦେବାଞ୍ଜଳି ପରିଡା, ସୁଦୀପ୍ତା ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଏନ୍‌ଏସ୍‌ଏସ୍‌ର ସ୍ୱତନ୍ତ୍ର ଶୀତକାଳୀନ ଶିବିର




ଡେରାବିଶ, ୭।୨(ସମିସ): ଚାନ୍ଦୋଳସ୍ଥ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ପକ୍ଷରୁ ଶୀତକାଳୀନ ସ୍ୱତନ୍ତ୍ର ଶିବିର ଆରମ୍ଭ ହୋଇଛି। ଉଦ୍‌ଘାଟନୀ ସଭାରେ ଅଧ୍ୟକ୍ଷ ଅକ୍ଷୟ ବଳ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ବ୍ରାହ୍ମଣୀ ମହାବିଦ୍ୟାଳୟର କାର୍ଯ୍ୟକାରୀ ଅଧିକାରୀ ଅଧ୍ୟପକ ନଟବର ସୂତାର ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ତାଙ୍କର ବକ୍ତବ୍ୟ ମାଧ୍ୟମରେ ପ୍ରୋତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ଅଧ୍ୟାପିକା ମିନାକ୍ଷୀ ପ୍ରଧାନ, ମନୋବିଜ୍ଞାନ ବିଭାଗ ଅଧ୍ୟାପିକା ଝରାଶ୍ରୀ ପରିଜା, ଯୁବ ରେଡ଼କ୍ରସର କାଉନ୍‌ସେଲର ଅଧ୍ୟାପକ ପ୍ରଭାକର ଦାସ ଓ ଶିକ୍ଷା ବିଭାଗର ମୁଖ୍ୟ ଅଧ୍ୟାପିକା ସୁକନ୍ୟା ମହାନ୍ତି ଯୋଗଦେଇ ସ୍ୱେଚ୍ଛାସେବୀଙ୍କ ସେବା ମନୋବୃତ୍ତିକୁ ପ୍ରଶଂସା କରିବା ସହିତ ସେମାନେ ସମାଜସେବାରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ। ଏହି ଶିବିର ସାତଦିନ ବ୍ୟାପୀ ଅନୁଷ୍ଠିତ ହେବ। ଏଥିରେ ମହାବିଦ୍ୟାଳୟର ୫୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଯୋଗ ଦେଇଛନ୍ତି। ଓଡ଼ିଆ ବିଭାଗ ଅଧ୍ୟାପକ ବିଶ୍ୱରଞ୍ଜନ ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରାଜନୀତି ବିଜ୍ଞାନ ଅଧ୍ୟାପକ ପ୍ରଦୀପ ରାଉତ ସଂଯୋଜନା କରିଥିଲେ।

## ଓଳାଭର କଲେଜର ବାର୍ଷିକ ଉତ୍ସବ

ଓଳାଭର,୭।୨(ସମିସ): ଓଳାଭର କଲେଜର ୫୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ତେବେ କଲେଜରେ ନାନାଦି ଅନିୟମିତତାକୁ ନେଇ ପୁରାତନ ଛାତ୍ର, ଅଧ୍ୟୟନରତ ଛାତ୍ରଛାତ୍ରୀ, ଅଭିଭାବକ, ନିମନ୍ତ୍ରିତ ଅତିଥି ଓ କଲେଜକୁ ଭଲ ପାଉଥିବା ବହୁ ବ୍ୟକ୍ତିବିଶେଷ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆଗରୁ ଅତିଥି ତାଲିକାରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ନାମ ଲେଖା ଥିବାବେଳେ ପ୍ରବେଶ ତୋରଣରେ ମନ୍ତ୍ରୀଙ୍କ ଫଟୋ ବି ଲାଗିଥିଲା। ସଭା ଆରମ୍ଭ ହୋଇ ଶେଷ ହେବା ପରେ ବି ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଦେଖା ନ ମିଳିବାରୁ ଛାତ୍ରଛାତ୍ରୀ, ପୁରାତନ ଛାତ୍ର, ଅଭିଭାବକ ଓ ଅଞ୍ଚଳବାସୀ ହତାଶ ହୋଇଥିଲେ। ସ୍ଥାନୀୟ ଦୁଇ ଜନପ୍ରତିନିଧି, ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କୁ ଅଣଦେଖା କରିବା ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ଉତ୍ସବରେ ଅଧ୍ୟକ୍ଷ ଓ ଅଧ୍ୟାପକ, ଅଧ୍ୟାପିକା ଜିଲ୍ଲାପାଳଙ୍କ ଉପସ୍ଥିତିରେ ଭାଷଣ ସାଧାରଣରେ ଆଲୋଚନାର ବିଷୟ ପାଲଟିଥିଲା। ଗତବର୍ଷ ଉତ୍ସବରେ ବିବାଦ ହୋଇଥିବାବେଳେ ଚଳିତ ବର୍ଷ ଏଭଳି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି।

## ବେଲତଳ ନୋଡାଲ ସ୍କୁଲ ବାର୍ଷିକ ଉତ୍ସବ

ପଟ୍ଟାମୁଣ୍ଡାଇ,୭।୨(ସମିସ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ୧୯ନଂ ୱାର୍ଡ ବେଲତଳ ନୋଡାଲ ଉପ୍ରା ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଆରତୀ ଭଳଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ କାଉନସିଲର ଗୋପୀବଲ୍ଲଭ ନାୟକ ମୁଖ୍ୟଅତିଥି,



ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସମ୍ପାଦକ ଆଡଭୋକେଟ ଗୋପୀନାଥ ତ୍ରିପାଠୀ ମୁଖ୍ୟବକ୍ତା ଓ ସିଆରସିସି ସଂଘମିତ୍ରା ନାୟକ, ସ୍କୁଲ ପରିଚାଳନା କମିଟି ସଭାପତି ରାଜେଶ ମହାରଣା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ଭଲ ମଣିଷ ଭାବେ ଗଢି ତୋଳିବାକୁ ପରାମର୍ଶ ଦେବା ସହିତ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଇଭା ଦାସ ସ୍ୱାଗତ ଭାଷଣ ଓ ରାଜଶ୍ରୀ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ବିଶ୍ୱରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ। ଏ ଅବସରରେ ସ୍କୁଲ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସହକାରୀ ଶିକ୍ଷକ ଗୌତମ ସାହୁ, କୃପାସିନ୍ଧୁ ନାୟକ ଓ ସୁମିତ୍ରା ଓରାମ ପରିଚାଳନା କରିଥିଲେ।

## ମାଟିଆ ୟୁଜିୟୁପି ସ୍କୁଲ ବାର୍ଷିକ ଉତ୍ସବ

# 'ଗୁଣାତ୍ମକ ଶିକ୍ଷା ଛାତ୍ରଛାତ୍ରୀଙ୍କୁ ସଫଳତାର ବାଟ ଦେଖାଏ'

ପଟ୍ଟାମୁଣ୍ଡାଇ,୭।୨(ସମିସ)



ଗୁଣାତ୍ମକ ଶିକ୍ଷା ଛାତ୍ରଛାତ୍ରୀଙ୍କୁ ସଫଳତାର ବାଟ ଦେଖାଏ ବୋଲି ରାଜନଗର ବିଧାୟକ ଧ୍ରୁବ ସାହୁ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ମାଟିଆ ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରକାଶ କରିଛନ୍ତି।

ପ୍ରଧାନ ଶିକ୍ଷକ ଗୋଲକ ବିହାରୀ ମଲ୍ଲିକଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ରାଜନଗର ବିଧାୟକ ଶ୍ରୀ ସାହୁ କହିଲେ, ସାମ୍ପ୍ରତିକ ସମୟରେ ବିଭିନ୍ନ କ୍ଷେତ୍ରରେ ସଫଳ ହେବା ପାଇଁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଜରୁରୀ ହୋଇପଡିଛି। ଗୁଣାତ୍ମକ ଶିକ୍ଷା ପ୍ରସାର କ୍ଷେତ୍ରରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହିତ ଅଭିଭାବକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ ସମସ୍ତେ ଏ ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେବା ସହ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ପୌରାଧକ୍ଷ ହେମନ୍ତ ସାହୁ ମୁଖ୍ୟବକ୍ତା, ପଟ୍ଟାମୁଣ୍ଡାଇ ବ୍ଲକ୍ ଶିକ୍ଷାଧିକାରୀ ଅଜିତ ବାରିକ, ବିଆରସିସି ପ୍ରେମବାଳା ମହାପାତ୍ର, ସହକାରୀ ଶିକ୍ଷାଧିକାରୀ ସୁନିତୀ ଦାଶ ଓ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ଶୁଭାଂଶୁ ଦାସ, କାଉନସିଲର ସୁବାସ ମଲ୍ଲିକ, ସିଆରସିସି ସଂଘମିତ୍ରା ନାୟକ, ସ୍କୁଲ ପରିଚାଳନା କମିଟି ସଭାପତି ଅଶୋକ ନାଥ, ଶିକ୍ଷାବିତ ସତ୍ୟବାଦୀ ନାୟକ ଓ ଶୁକଦେବ ବିଶ୍ୱାଳ, ପୂର୍ବତନ କାଉନସିଲର ତ୍ରିଲୋଚନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ସସ୍ମିତା ଦାସ ସ୍ୱାଗତ ଭାଷଣ ଓ ସହକାରୀ ଶିକ୍ଷକ ଉଦୟ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଅଞ୍ଜଳି ମଲ୍ଲିକ ଧନ୍ୟବାଦ ଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ସଂଗୀତା ଡାକୁଆ, ସହକାରୀ ଶିକ୍ଷକ ଅନିରୁଦ୍ଧ ଦାଶ, ଦୀନମଣି ସେଠୀ ଓ ପ୍ରଶାନ୍ତ ସାହୁ ପରିଚାଳନା କରିଥିଲେ।

ସକାଳ THE SAKALA

ରବିବାର
୮ ଫେବୃଆରୀ, ୨୦୨୬



**କନକା ଗ୍ରାମରୁ ଶିଶୁ ନିଖୋଜ ଘଟଣା**

# ଦେଢ଼ମାସ ପରେ ବି ମିଳୁନି ପତ୍ତା

ହିନ୍ଦୋଳ,୭ ।୨(ସମିସ):




ହିନ୍ଦୋଳ ଉପଖଣ୍ଡରେ ଶିଶୁପୁତ୍ର ନିଖୋଜ ହେବାର ଦେଢ଼ ମାସ ବିତିଯାଇଥିଲେ ମଧ୍ୟ ଏଯାଏ ପତ୍ତା ମିଳିନାହିଁ। ଦେଢ଼ ମାସ ତଳେ ହିନ୍ଦୋଳ ବ୍ଲକ ତଥା ରାସୋଳ ଥାନା ଅନ୍ତର୍ଗତ କନକା ଗ୍ରାମର ହୃଦାନନ୍ଦ ପ୍ରଧାନ କାମକୁ ଯାଇଥିବାବେଳେ ସ୍ତ୍ରୀ ବର୍ଷା ପ୍ରଧାନ ଦେଢ଼ ବର୍ଷର ଶିଶୁପୁତ୍ରକୁ ଘରେ ଛାଡ଼ି ପଛପଟ ଜଙ୍ଗଲକୁ ଛେଳି ଛାଡ଼ିବାକୁ ଯାଇଥିଲେ। ଘରେ ହୃଦାନନ୍ଦଙ୍କ ମା' କୌଣସି କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ମାତ୍ର ୫ମିନିଟ ପରେ ବର୍ଷା ଛେଳି ଛାଡ଼ି ଆସିବା ପରେ ଘରେ ପୁଅ ନ ଥିବା ଦେଖିଥିଲେ। ଖୋଜାଖୋଜି ପରେ ପୁଅକୁ ନ ପାଇବାରୁ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଗ୍ରାମରେ ପହଞ୍ଚି ଘର ନିକଟ ବିଭିନ୍ନ ସ୍ଥାନ, କୂଅ, ପୋଖରୀରେ ଖୋଜାଖୋଜି କରିବା ସତ୍ତ୍ୱେ ଶିଶୁର ସନ୍ଧାନ ମିଳି ନ ଥିଲା। ପରେ ସାଇଣ୍ଟିଫିକ ଟିମ, ସନ୍ଧନୀ କୁକୁର ଓ ପୁଲିସ ପହଞ୍ଚି ତଦନ୍ତ କରି ଫେରିଥିଲେ। ଘଟଣାକୁ ଇତିମଧ୍ୟରେ ଦେଢ଼ ମାସ ବିତିଯାଇଥିଲେ ମଧ୍ୟ ଶିଶୁର ସନ୍ଧାନ ମିଳିପାରିନାହିଁ। ପୂର୍ବ ଶତ୍ରୁତାରୁ କେହି ଶିଶୁକୁ ଅପହରଣ କରିଛି କିମ୍ବା ବଳି ଉଦ୍ଦେଶ୍ୟରେ ଅପହରଣ କରାଯାଇଥିବା ପରିବାର ଲୋକେ ସନ୍ଦେହ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ରାସୋଳ ଥାନାଧିକାରୀ ବିଦ୍ୟୁଭୂଷଣ ମିଶ୍ରଙ୍କୁ ଯୋଗାଯୋଗ କରିବାରେ ଶିଶୁର ସନ୍ଧାନ ପାଇଁ ସମସ୍ତ ଉଦ୍ୟମ କରାଯାଉଥିବା କହିଛନ୍ତି।

## ନବୋଦୟ ବିଦ୍ୟାଳୟରେ ପାର୍ଶ୍ୱ ଚୟନ ପରୀକ୍ଷା

ପରଜଙ୍ଗ,୭ ।୨(ସମିସ): ପରଜଙ୍ଗ ବ୍ଲକ ସରାଙ୍ଗସ୍ଥିତ ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ଲେଷ୍ଟ ଲାଟେରାଲ ସିଲେକସନ୍ ଟେଷ୍ଟ-୨୦୨୬ ନବମ ଓ ଏକାଦଶ ଶ୍ରେଣୀ ପିଲାଙ୍କ ପାଇଁ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ଅଧ୍ୟକ୍ଷା ଡ. ପ୍ରତିମା ମିଶ୍ର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ବିଦ୍ୟାର୍ଥୀଙ୍କୁ ସଫଳତାର ମନ୍ତ୍ର ଦେଇ ପରୀକ୍ଷା କକ୍ଷକୁ ପଠାଇଥିଲେ। ନବମ ଶ୍ରେଣୀ ପାଇଁ ୧୦୮ ଛାତ୍ରଛାତ୍ରୀ ପଞ୍ଜୀକରଣ କରିଥିବା ବେଳେ ୪୧ ଜଣ ପରୀକ୍ଷା ଦେଇଥିଲେ। ସେହିପରି ଏକାଦଶ ଶ୍ରେଣୀ ପାଇଁ ୧୪୧ ଛାତ୍ରଛାତ୍ରୀ



ପଞ୍ଜୀକରଣ କରିଥିବା ବେଳେ ୫୯ ଜଣ ଉପସ୍ଥିତ ଥିଲେ। ସ୍ନାତକୋତ୍ତର ହିନ୍ଦୀ ଶିକ୍ଷକ ସୀତାରାମ ରାୟ, ସ୍ନାତକୋତ୍ତର ପଦାର୍ଥ ବିଜ୍ଞାନ ଶିକ୍ଷକ ମୀନକେତନ ସାହୁ, ସ୍ନାତକ ବିଜ୍ଞାନ ଶିକ୍ଷକ ମୁନ୍ନା ମହାପାତ୍ର ପରୀକ୍ଷା ପରିଚାଳନା କରିଥିବା ବେଳେ ପରଜଙ୍ଗ ଏବିଇଓ ତରିଣୀ କୁମାର ସିଂହ ପର୍ଯ୍ୟବେକ୍ଷକ ଭାବେ ପରୀକ୍ଷା କେନ୍ଦ୍ରରେ ଉପସ୍ଥିତ ଥିଲେ।

## ଢେଙ୍କାନାଳ ଜିଲ୍ଲା ବିଜେଡି ଉପସଭାପତି ହେଲେ ହିମାଂଶୁ

କାମାକ୍ଷାନଗର,୭ ।୨(ସମିସ): ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଶୁକ୍ରବାର ସନ୍ଧ୍ୟାରେ ଦଳର ଢେଙ୍କାନାଳ ଜିଲ୍ଲା କମିଟି ଘୋଷଣା କରାଯାଇଛି। କମିଟିରେ ମୋଟ ୯ ଜଣଙ୍କ ଉପସଭାପତି, ୨୦ ସାଧାରଣ ସମ୍ପାଦକ ଓ ୧୮ ସମ୍ପାଦକ ରହିଛନ୍ତି। କାମାକ୍ଷାନଗର ଏନ୍‌ଏସିର ହିମାଂଶୁ ଶେଖର ମହାପାତ୍ରଙ୍କୁ ଜିଲ୍ଲା ଉପସଭାପତି ଭାବେ ନିଯୁକ୍ତ କରାଯାଇଛି। ଏଥିପାଇଁ



ହିମାଂଶୁ ଦଳ ସଭାପତି ନବୀନ ପଟ୍ଟନାୟକ, ଢେଙ୍କାନାଳ ଜିଲ୍ଲା ବିଜେଡି ସଭାପତି ଡ. ନୃସିଂହ ଚରଣ ସାହୁ ଏବଂ ଜିଲ୍ଲା ଯୁବ ବିଜେଡି ସଭାପତି ତଥା କାମାକ୍ଷାନଗର ଏନ୍‌ଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

ହିମାଂଶୁ ୨୦୦୮ରେ ୪ନଂ ୱାର୍ଡରୁ କାଉନସିଲର ଭାବେ ନିର୍ବାଚିତ ହୋଇଥିଲେ। ପୂର୍ବରୁ କାମାକ୍ଷାନଗର ଏନଏସି ବିଜେଡି ସମ୍ପାଦକ ମଧ୍ୟ ଥିଲେ। ଏବେ ସେ କାମାକ୍ଷାନଗର ସାମ୍ବାଦିକ ସଂଘ ସଭାପତି, ନବଜ୍ୟୋତି କ୍ଲବ୍ ସମ୍ପାଦକ, ଡାଇମଣ୍ଡ କ୍ଲବ୍ ସଭାପତି ଭାବେ କାର୍ଯ୍ୟରତ ଅଛନ୍ତି। ଏକଦା ଢେଙ୍କାନାଳକୁ ବିଜେଡିର ଗଡ଼ କୁହାଯାଉଥିବା ବେଳେ ଗତ ବିଧାନସଭା ନିର୍ବାଚନରେ ୭ ବିଧାନସଭା ଆସନରୁ କେବଳ ତାଳଚେରକୁ ଛାଡ଼ିଦେଲେ ଅନ୍ୟ ୬ଟିରେ ଦଳ ପରାସ୍ତ ହୋଇଥିଲା। ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳକୁ କିପରି ପୁଣି ଥରେ ବିଜୟୀ କରାଯାଇପାରିବ ସେ ନେଇ ସମସ୍ତ କର୍ମୀଙ୍କୁ ଏକଜୁଟ କରି କାମ କରିବା ଆମ ପାଇଁ ଏକ ଚ୍ୟାଲେଞ୍ଜ ହେବ ବୋଲି ହିମାଂଶୁ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

## ଖଜୁରିଆକଟା ସ୍ୱାସ୍ଥ୍ୟକେନ୍ଦ୍ରରେ ମାଳ ମାଳ ସମସ୍ୟା

ଖଜୁରିଆକଟା,୭ ।୨(ସମିସ): ଖଜୁରିଆକଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ସମସ୍ୟା ଲାଗି ରହିଛି। ଏ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି। ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟା ସମାଧାନ କରିବାକୁ ବୈଠକରେ ଦାବି କରାଯାଇଛି।

ବ୍ଲକର ୮ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ୱାର୍ଡ଼ ମେମ୍ବର ହିନ୍ଦୋଳ ବିଧାୟିକା ସୀମାରାଣୀ ନାଏକ ଏବଂ ସରକାରଙ୍କୁ ଏକ ଅଭିଯୋଗ ପ୍ରଦାନ କରିଥିଲେ। ପରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିର୍ଦ୍ଦେଶରେ ଏକ ଟିମ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଅଭିଯୋଗ କରିଥିବା ସରପଞ୍ଚ ଏବଂ ସମିତି ସଭ୍ୟଙ୍କୁ ନେଇ ଏକ ସଭା କରିଥିଲେ। ବିଭିନ୍ନ ବିଭାଗରେ ଖାଦ୍ୟ ନ ଦିଆଯାଇ କେବଳ ବିସ୍କୁଟ, ପାଉଚ ପାଣି ଦେବା, ରୋଗୀମାନଙ୍କୁ କର୍ମଚାରୀମାନେ ଦୁର୍ବ୍ୟବହାର କରିବା, ସୁରକ୍ଷା କର୍ମୀମାନେ ଲୋକଙ୍କୁ ଉପଯୁକ୍ତ ବ୍ୟବହାର ନ ଦେଖାଇବା ଆଦି ଅଭିଯୋଗ ଉପରେ ଆଲୋଚନା ହୋଇଥିଲା। ମେଡିକାଲ ଇନଚାର୍ଜ ସାଗର ପ୍ରଧାନ ମେଡିକାଲରେ ଅଧିକାଂଶ ସମୟ ରହୁନାହାନ୍ତି। ରହୁଥିବା ସମୟରେ ଦବଙ୍ଗଗିରି ଦେଖାଉଛନ୍ତି ବୋଲି ପ୍ରକାଶ କରିଥିଲେ। ଯଥାଶୀଘ୍ର ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଟିମ୍‌ର ସଦସ୍ୟମାନେ ପ୍ରତିଶ୍ରୁତି ଦେଇଥିଲେ।

ସୂଚନାଯୋଗ୍ୟ, ପ୍ରତେକ ସିଏଚଓରେ ଜାତୀୟ ଟିକା କାର୍ଯ୍ୟକ୍ରମ ଓ ଭିଟାମିନ-ଇ ପିଲାଙ୍କୁ ବୁଧବାର ପ୍ରଦାନ କରାଯାଉଥିଲା। ତେବେ ଏହି କାର୍ଯ୍ୟରେ ନିୟୋଜିତ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ହଠାତ କାମ ବନ୍ଦକରି ଖଜୁରିଆକଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ଫଳରେ ଶିଶୁମାନେ ଭିଟାମିନ ଓ ଟିକା ପାଇବାରୁ ବଞ୍ଚିତ ହେଲେ। ଏ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏଭଳି ହଠାତ ମେଡିକାଲ ଛାଡ଼ି ଟିକା ପ୍ରଦାନ ନ କରି ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀମାନେ କାହା ନିର୍ଦ୍ଦେଶରେ ମେଡିକାଲ ଛାଡ଼ିଲେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ବଡ଼ପଣ୍ଡା ସାହିରେ ଅଷ୍ଟପ୍ରହର ନାମଯଜ୍ଞ

ଢେଙ୍କାନାଳ,୭ ।୨(ସମିସ): ସ୍ଥାନୀୟ ବଡ଼ପଣ୍ଡା ସାହିରେ ୩୬ତମ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ଶୁକ୍ରବାର କଳସଯାତ୍ରା କରାଯାଇ କୁଞ୍ଜରେ ରାଧାକୃଷ୍ଣ ଫଟୋଚିତ୍ର ସ୍ଥାପନ କରାଯାଇ ଅଖଣ୍ଡଦୀପ ସ୍ଥାପନ ଓ ଅଧିବାସ ପୂଜା ହୋଇଥିଲା। ଶନିବାର ଆଖପାଖ ଅଞ୍ଚଳର ୧୨ ଦଳ ସଂକୀର୍ତ୍ତନ ମଣ୍ଡଳୀ ନାମ ସଂକୀର୍ତ୍ତନ



କରିଥିଲେ। ସନ୍ଧ୍ୟା ଆଳତି ସହି କୁଞ୍ଜରେ ବିଭିନ୍ନ ଭୋଗ ଲାଗି କରାଯାଇଥିଲା। ସନ୍ଧ୍ୟାରେ ଭକ୍ତମାନେ ପ୍ରସାଦସେବନ କରିଥିଲେ। ଆସନ୍ତା ୮ ତାରିଖ ବୈଠକ କୀର୍ତ୍ତନ, ନଗର ଭ୍ରମଣ ଓ ଦଧିହାଣ୍ଡି ଭଗ୍ନ ଅନୁଷ୍ଠିତ ହେବ। ପୂଜକ ରଘୁନାଥ ଦାସ, କର୍ତ୍ତା ଯଶୋବନ୍ତ ଦାସ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ।

## ଆଦର୍ଶ ବିଦ୍ୟାଳୟର ଚତୁର୍ଥ ବାର୍ଷିକ ଉତ୍ସବ

ଭୁବନ,୭ ।୨(ସମିସ): ଭୁବନ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୪ର୍ଥ ବାର୍ଷିକ ଉତ୍ସବ 'ଡାଇନା ଫେଷ୍ଟ' ଅନୁଷ୍ଠିତ ହୋଛି। ଅଧ୍ୟକ୍ଷା ରଶ୍ମିପ୍ରଭା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ମୁଖ୍ୟବକ୍ତା ଭାବେ ମାତୃପ୍ରସାଦ ମିଶ୍ର, ସମ୍ମାନିତ ଅତିଥି ଭାବେ ଭୁବନ ପଞ୍ଚାୟତ ସମିତି ଅଧ୍ୟକ୍ଷା ସିପ୍ରା ବରାଳ, ଭାରପ୍ରାପ୍ତ ଭୁବନ ଏନ୍‌ଏସି ଅଧ୍ୟକ୍ଷା ମାନିନୀ ସାହୁ, ଭୁବନ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ସରୋଜିନୀ ଦ୍ୱିବେଦୀ, ଏକତାଳି ସରପଞ୍ଚ ଝିଲ୍ଲିପ୍ରଭା ବେହେରା ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନୋଡାଲ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ମହାନ୍ତି ଯୋଗଦେଇ ଆଦର୍ଶ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ।

## କିନ୍ନର ସଂଘର କ୍ୟାଣ୍ଡେଲ ଶୋଭାଯାତ୍ରା




ପରଜଙ୍ଗ,୭ ।୨(ସମିସ): ରାଜଧାନୀରେ ସଂଘଟିତ କିନ୍ନର ଅଞ୍ଜଳି ହତ୍ୟାକାଣ୍ଡ ନେଇ ଶନିବାର ସନ୍ଧ୍ୟାରେ ପରଜଙ୍ଗ ମା' ମଙ୍ଗଳା କିନ୍ନର ସଙ୍ଘ ତରଫରୁ କ୍ୟାଣ୍ଡେଲ ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ ଅନୁଷ୍ଠିତ ହୋଇଛି। ଶୋଭାଯାତ୍ରା ସ୍ଥାନୀୟ ବିଶ୍ୱାଳ ମାର୍କେଟରୁ ବାହାରି ପରଜଙ୍ଗ ବଜାର ପରିକ୍ରମା କରିଥିଲା। କିନ୍ନରମାନେ ଅଞ୍ଜଳିଙ୍କ ଆତ୍ମାର ସଦଗତି କାମନା କରିବା ସହ ତାଙ୍କ ହତ୍ୟାକାରୀଙ୍କୁ ଗିରଫ ଓ ପରିବାରରୁ ଦଶଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବାକୁ ଦାବି କରିଥିଲେ। ଏଥିସହ କିନ୍ନରମାନଙ୍କ ସୁରକ୍ଷା ପାଇଁ ଆଇନ ପ୍ରଣୟନ କରିବାକୁ ଦାବି କରିଥିଲେ। ଶୋଭାଯାତ୍ରାରେ ପରଜଙ୍ଗ, ବଡ଼ଝରା, ତାଳଚେର ଅଞ୍ଚଳର ବହୁ କିନ୍ନର ସାମିଲ ହୋଇଥିଲେ।

## କୁଞ୍ଜକାନ୍ତରେ ଭାଗବତ ପାରାୟଣ

ଢେଙ୍କାନାଳ,୭ ।୨(ସମିସ): ଢେଙ୍କାନାଳ ସହରସ୍ଥିତ କୁଞ୍ଜକାନ୍ତଠାରେ ୩୯ତମ କୁଞ୍ଜକାନ୍ତ ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଫେବୃଆରୀ ୩ ତାରିଖରୁ ଆରମ୍ଭ ହୋଇଛି। ଏହା ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ପୁରୀ ଚନ୍ଦନପୁରର ପଣ୍ଡିତ ବସନ୍ତ କୁମାର ପଣ୍ଡା ପ୍ରବଚନ ଦେଉଛନ୍ତି। ପ୍ରତିଦିନ ସନ୍ଧ୍ୟା ୭ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ପ୍ରବଚନ କାର୍ଯ୍ୟକ୍ରମ ଚାଲୁଛି। ୧୦ ତାରିଖ ଅପରାହ୍ନରେ ପୂର୍ଣ୍ଣାହୁତି



ଅନୁଷ୍ଠିତ ହେବ। ରାତି ୮ଟାରେ ପ୍ରସାଦସେବନ ବ୍ୟବସ୍ଥା ରହିଛି। ସଭାପତି ନବକିଶୋର ବିଶ୍ୱାଳ, ଉପ-ସଭାପତି ଶରତ କୁମାର ଦାସ, ସମ୍ପାଦକ ସର୍ବେଶ୍ୱର ବିଶ୍ୱାଳ, କୋଷାଧ୍ୟକ୍ଷ ଉମେଶ କୁମାର ମିଶ୍ର, ବରିଷ୍ଠ ସଦସ୍ୟ ଅପର୍ତ୍ତି ନାୟକ, ଶ୍ୟାମସୁନ୍ଦର ରଣା, ଭବାନୀ ଶଙ୍କର ତ୍ରିପାଠୀ ଓ ବିଭୂତି ଭୂଷଣ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରୁଛନ୍ତି।

## ବ୍ଲକ ବିଜେଡି ସଭାପତିଙ୍କ ବିୟୋଗରେ ଶୋକ



ଗଁଦିଆ,୭ ।୨(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ବିଜେଡି ସଭାପତି ବିଶ୍ୱନାଥ ଜେନାଙ୍କ ଅକାଳ ବିୟୋଗରେ ଶନିବାର ସର୍ବଦଳୀୟ ସ୍ମୃତିସଭା ଅନୁଷ୍ଠିତ ହୋଇଛି। ଗଁଦିଆ ଆଞ୍ଚଳିକ ବିକାଶ ମଞ୍ଚ ଆବାହକ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ମଳୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଗଁଦିଆ ଗ୍ରାମ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ବିଚାରପତି ଭିକାରୀ ଚରଣ ରାଉତ, ପୂର୍ବତନ ସରପଞ୍ଚ ମଙ୍ଗରାଜ ବାରିକି, ଅବସରପ୍ରାପ୍ତ ରେଞ୍ଜର ଉପେନ୍ଦ୍ର ବେହେରା, ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡ଼ଙ୍ଗୀ, ଡ. ଶାନ୍ତିଭୂଷଣ ପଣ୍ଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅକ୍ଷୟ କୁମାର ମହାନ୍ତି, କୁନିଲତା ଦେହୁରୀ, ଭୁବନ ଏନ୍‌ଏସିର ପୂର୍ବତନ ଅଧ୍ୟକ୍ଷ ଶୁଭେନ୍ଦୁ ସାହୁ, ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ରଥ, ସାମ୍ବାଦିକ ଶିଶିର କୁମାର ଶତପଥୀ, ଗଁଦିଆ ବାର୍ ସଭାପତି ପ୍ରଦୀପ କୁମାର ସାହୁ, ସରପଞ୍ଚ ପ୍ରଦୀପ କୁମାର ରାଉତ, ବିଜୟ କୁମାର ଦେହୁରୀ, ଗୌତମ ପ୍ରଧାନ, ଢେଙ୍କାନାଳ ସାନ୍ଧ୍ୟ ମହାବିଦ୍ୟାଳୟ ଅଧ୍ୟକ୍ଷ ସମୀର କୁମାର ସାହୁ, ସମାଜସେବୀ ତାପସ କୁମାର ରାଉତ, ସମିତି ସଭ୍ୟ ବଳରାମ ପରିଡ଼ା, ପବିତ୍ର କୁମାର ସାହୁ, ଜିଲ୍ଲା କଂଗ୍ରେସ ଉପ ସଭାପତି ଡମ୍ବରୁଧର ସେଠୀ, ଥିଙ୍କର୍ସ ଫୋରମ ସଭାପତି ସୁବ୍ରତ କୁମାର ସାହୁ, ବରିଷ୍ଠ ନାଗରିକ ଖଗେଶ୍ୱର ମହାନ୍ତି, ସଚ୍ଚିଦାନନ୍ଦ ବେହେରା, ନୀଳାମ୍ବର ସାହୁଙ୍କ ସମେତ ବହୁ ପ୍ରାଥମିକ କୃଷି ସମବାୟ ସମିତିର ସଭାପତି, ପୂର୍ବତନ ସରପଞ୍ଚ, ସମିତି ସଭ୍ୟ ଯୋଗଦେଇ ବିଶ୍ୱନାଥଙ୍କ ସ୍ମୃତିଚାରଣ କରିଥିଲେ।

## ଅଭିଯୋଗ ଶୁଣିଲେ ସାଂସଦ

ଢେଙ୍କାନାଳ,୭ ।୨(ସମିସ): ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଶନିବାର ସଂସଦ ଅଧିବେଶନରୁ ଫେରିବା ସମୟରେ ହିନ୍ଦୋଳଠାରେ ସ୍ଥାନୀୟ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣି ତାହାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଗତ ପଞ୍ଚାୟତ ନିର୍ବାଚନେର ହାତୁରା ଜୋନରୁ ଦଳୀୟ ପ୍ରାର୍ଥୀ ହୋଇଥିବା ନରେନ୍ଦ୍ର ଗଡ଼ନାୟକଙ୍କ ପିତୃବିୟୋଗ ହୋଇଥିବା ବେଳେ ସାଂସଦ ପାଣି ନରେନ୍ଦ୍ରଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ପଞ୍ଚାୟତର କର୍ମକର୍ତ୍ତାଙ୍କ ସହ ବିଭିନ୍ନ ସମସ୍ୟା ପ୍ରସଙ୍ଗରେ ଆଲୋଚନା କରିଛନ୍ତି।

## ସାଧାରଣ ଧର୍ମଘଟ ସଫଳ କରିବାକୁ ଆହ୍ୱାନ

ଢେଙ୍କାନାଳ,୭ ।୨(ସମିସ): ଢେଙ୍କାନାଳ ମେହେନ୍ତର ସଂଗଠନ କାର୍ଯ୍ୟାଳୟରେ କେନ୍ଦ୍ରୀୟ ଶ୍ରମିକ ସଂଘ ସ୍ୱାଧୀନ ଫେଡେରେସନ୍ ଆହ୍ୱାନରେ ଶ୍ରୀନିବାସ ସାହୁଙ୍କ ସଭାପତିତ୍ୱରେ ଗଣ କନଭେନସନ୍ ଅନୁଷ୍ଠିତ ହୋଇଛି। ବୈଠକରେ ଆସନ୍ତା ୧୨ ତାରିଖ ହେବାକୁ ଯାଉଥିବା ସାଧାରଣ ଧର୍ମଘଟ ଉପରେ ଆଲୋଚନା ହୋଇଥିଲା। ଶ୍ରମିକ ବିରୋଧୀ ୪ଟି ଶ୍ରମକୋଡ୍ ବାତିଲ୍, ସ୍କିମ୍ ୱାର୍କରଙ୍କୁ ଶ୍ରମିକ ମାନ୍ୟତା,



ବିଦ୍ୟୁତ୍ ବିଲ୍ ସଂଶୋଧନ ଆଇନ-୨୦୨୫ ପ୍ରତ୍ୟାହାର, ସର୍ବନିମ୍ନ ମଜୁରି, କୃଷି ଶ୍ରମିକଙ୍କୁ ବର୍ଷସାରା କାମ ଯୋଗାଇଦେବା ସହ ମନରେଗା ଯୋଜନାର ମଜୁରି ୬୦୦ ଟଙ୍କାକୁ ବୃଦ୍ଧି, ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର ବନ୍ଦ, ପୁରୁଣା ପେନ୍‌ସନ୍ ଲାଗୁ, ଫସଲର ଏମ୍‌ଏସ୍‌ପି ଲାଗୁ, ମଣ୍ଡିରେ ସୁବ୍ୟବସ୍ଥା କରିବା, ପ୍ରତି ବ୍ଲକ୍‌ରେ କୋଲ୍ଡ ଷ୍ଟୋର ପ୍ରତିଷ୍ଠା ପ୍ରଭୃତି ବିଭିନ୍ନ ଦାବି ଉପରେ ଆଲୋଚନା ହୋଇଥିଲା। ଧର୍ମଘଟରେ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନ, ଗାଡ଼ି ଚଳାଚଳ, ଦୋକାନ ବଜାର ବନ୍ଦ କରି ଏହାକ ସଫଳ କରିବା ପାଇଁ ଜିଲ୍ଲାବାସୀଙ୍କୁ ଆହ୍ୱାନ ଦିଆଯାଇଛି। କନ୍‌ଭେନ୍‌ସନ୍‌ରେ ସର୍ବଶ୍ରୀ ସାହୁ, ହରପ୍ରିୟା ସ୍ୱାଇଁ, ରବି ରଥ, ସ୍ୱରୂପାନନ୍ଦ ଦାସ, ସରୋଜ ଶତପଥୀ, ବିନୟ କୁମାର ସାହୁ, ସମଲେଶ୍ୱରୀ ପ୍ରସାଦ ମଲ୍ଲିକ, ଅରୁଣ କୁମାର ସାହୁ, ଆଭାସୀ ଯୋଗେ ଲକ୍ଷ୍ମୀଧର ସାହୁ, ଅଯୋଧ୍ୟା ସାହୁ, କମଳା ସାହୁ ଓ ବାବୁଲି ସିଂ ପ୍ରମୁଖ ଉପସ୍ଥିତ ଥିଲେ।

● **କିନ୍ନର ଅଞ୍ଜଳି ହତ୍ୟା ଘଟଣା**

## କାମାକ୍ଷାନଗରରେ କ୍ୟାଣ୍ଡେଲ ଶୋଭାଯାତ୍ରା




କାମାକ୍ଷାନଗର,୭ ।୨(ସମିସ): ରାଜଧାନୀରେ କିଛିଦିନ ତଳେ କିନ୍ନର ଅଞ୍ଜଳିଙ୍କୁ ହତ୍ୟା କରାଯାଇଥିଲା। ଏ ନେଇ କାମାକ୍ଷାନଗର ମା' ମଙ୍ଗଳା କିନ୍ନର ସଙ୍ଘ ତରଫରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶୋଭାଯାତ୍ରା ସ୍ଥାନୀୟ ବସଷ୍ଟାଣ୍ଡଠାରୁ ବାହାରି ସହର ପରିକ୍ରମା କରିଥିଲା। କିନ୍ନରମାନେ ଅଞ୍ଜଳିଙ୍କ ଆତ୍ମାର ସଦଗତି କାମନା କରିବା ସହ ହତ୍ୟାକାରୀଙ୍କୁ ଗିରଫ ଓ ପରିବାରକୁ ସରକାରଙ୍କ ତରଫରୁ ୧୦ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଦାବି କରିଥିଲେ। ସରକାର କିନ୍ନରମାନଙ୍କ ସୁରକ୍ଷା ପାଇଁ ଆଇନ ପ୍ରଣୟନ କରିବାକୁ ଦାବି କରିଥିଲେ। ଶୋଭାଯାତ୍ରାରେ କାମାକ୍ଷାନଗର, ପରଜଙ୍ଗ, ଭୁବନ ଓ କଙ୍କଡ଼ାହାଡ଼ ଅଞ୍ଚଳର ବହୁ କିନ୍ନର ସାମିଲ ରହିଥିଲେ।

## ଅନଳ ହାଇସ୍କୁଲର ବାର୍ଷିକ ଉତ୍ସବ



ଭୁବନ,୭ ।୨(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଅନଳ ଶ୍ରୀ ମା' ଶ୍ରୀ ଅରବିନ୍ଦ ହାଇସ୍କୁଲର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମନସ୍ମିତା ମହାଖୁଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବନମାଳୀ ସାହୁ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଗାୟତ୍ରୀ ପାତ୍ର ଯୋଗଦେଇଥିଲେ। କଠିନ ପରିଶ୍ରମ ହିଁ ସଫଳତାର ଚାବିକାଠି। ବିଦ୍ୟାର୍ଥୀମାନେ ଏହାକୁ ଅନୁପାଳନ କଲେ ଉଚ୍ଚ ସୋପାନକୁ ଉଠିପାରିବେ ବୋଲି ଅତିଥିମାନେ କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ରେମଶ ଚନ୍ଦ୍ର ସାହୁ, ସରପଞ୍ଚ ଶ୍ରୀନିବାସ ବେହେରା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀଧର ପୃଷ୍ଟି ଉପସ୍ଥିତ ଥିଲେ। ପ୍ରିୟବ୍ରତ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଋତୁରାଜ ବେହେରା ଧନ୍ୟବାଦ ଦେଇଥିଲେ। ପୁଷ୍ପାଞ୍ଜଳି ବେହେରା, କାମିନୀ କାଞ୍ଚନ ଦେହୁରୀ, ଡକୁ ଦେଓଗମ, ରମା ସେନାପତି, ମଧୁସୂଦନ ନାୟକ ସହଯୋଗ କରିଥିଲେ। ବାର୍ଷିକ କ୍ରୀଡ଼ା ବାଳକ ବର୍ଗରେ ଚାମ୍ପିଅନ ହୋଇଥିବା ବାଦଲ କାଣ୍ଡି ଓ ବାଳିକାରେ କାପୁରା ମୁଣ୍ଡାଙ୍କୁ ଅତିଥି ପୁରସ୍କୃତ କରିଥିଲେ।

# ଓପିଏସ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ଖଜୁରିଆକଟା,୭ ।୨(ସମିସ):

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳରୋଡ଼ସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ବିବୁଧ ଗଡ଼ନାୟକ, ମୁଖ୍ୟବକ୍ତା ଭାବେ ରେଭେନ୍ସା ବିଶ୍ୱବଦ୍ୟାଳୟ ସମ୍ବାଦ ଓ ଗଣଯୋଗାଯୋଗ ବିଭାଗର ସହକାରୀ ପ୍ରଫେସର ଡ. ଦେବୀଲାଲ ମିଶ୍ର, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ତତ୍ତ୍ୱମସୀ ମହାପାତ୍ର ଯୋଗଦେଇଥିଲେ। ମୁଖ୍ୟଅତିଥି ଗଡ଼ନାୟକ ସମୃଦ୍ଧ ଭାରତ ଗଠନ ପାଇଁ ଶିକ୍ଷା ଏକ ମୁଖ୍ୟ ଉପାଦାନ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ତତ୍ତ୍ୱମସୀ ମହାପାତ୍ର



ମହାବିଦ୍ୟାଳୟର ଉତ୍ତମ ଶୈକ୍ଷିକ ପରିବେଶ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନିର୍ମାଣ ପାଇଁ ସହାୟକ ହୋଇଥାଏ ବୋଲି କହିଥିଲେ। ସଭାପତି ଡ. ପ୍ରଧାନ ସମୃଦ୍ଧ ଓ ବିକଶିତ ଭାରତ ଗଠନରେ ଛାତ୍ରଛାତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଡ. ମିଶ୍ର ଶିକ୍ଷା ଓ ପ୍ରତିଭା ମଣିଷକୁ ମାର୍ଜିତ କରି ବିଶ୍ୱ ଦରବାରରେ ପରିଚିତ କରାଏ ବୋଲି ଉଦବୋଧନ ଦେଇଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ପ୍ରଦୀପ୍ତ କୁମାର ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ମହାବିଦ୍ୟାଳୟର ସାଂସ୍କୃତିକ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। +୨ ସାଂସ୍କୃତିକ ବିଭାଗରେ ସୌମ୍ୟରଞ୍ଜନ ନାୟକ ଓ +୩ ସାଂସ୍କୃତିକ ବିଭାଗରେ ସତଫା ବେହେରା ଚାମ୍ପିଅନ ହୋଇଥିଲେ। ପ୍ରାଧ୍ୟାପକ ଗୁରୁଚରଣ ରାଉତରାୟ ଓ ଅଧ୍ୟାପକ ଡ. ଦେବାନନ୍ଦ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ମନୋଜ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଡ. ଦେବାନନ୍ଦ ଦାସଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ 'ଆଶ୍ରୟ' ଛାତ୍ରଛାତ୍ରୀଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା।

# ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ବାର୍ହା ଓ କୁମ୍ଭୀରଙ୍କ ଉତ୍ପାତ

## ଶହ ଶହ ଏକର ଫସଲ ଖାଇଯାଉଛନ୍ତି ବାର୍ହା / କୁମ୍ଭୀର ଭୟରେ ଲୋକେ ଆତଙ୍କିତ

ପଟ୍ଟାମୁଣ୍ଡାଇ,୭।୨(ସମିସ)

ବାର୍ହା ଓ କୁମ୍ଭୀର ଉତ୍ପାତ କରୁଛନ୍ତି। ଏଥିରେ ଅତିଷ୍ଠ ହୋଇପଡ଼ିଲେଣି ଲୋକେ। ଫଳରେ ଜଙ୍ଗଲ ବିଭାଗ ବିରୁଦ୍ଧରେ ଆନ୍ଦୋଳନ ପାଇଁ ସଜବାଜ ହେଉଛନ୍ତି ପୌରାଞ୍ଚଳବାସୀ। ବାର୍ହା ଓ କୁମ୍ଭୀର ଭୟରେ ପୌରାଞ୍ଚଳର ପ୍ରାୟ ୧୦ଟି ୱାର୍ଡର ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ବାରମ୍ବାର ଅଭିଯୋଗ ଓ ଗଣମାଧ୍ୟମରେ ଖବର ପ୍ରସାରଣ ପରେ ମଧ୍ୟ ଜଙ୍ଗଲ ବିଭାଗର ନିଦ ଭଙ୍ଗୁ ନ ଥିବାରୁ ଏକ ବଡ଼ ଜନଆନ୍ଦୋଳନ ପାଇଁ ଏହା ଦାନା ବାନ୍ଧିବାରେ ଲାଗିଛି।

ରାଜନଗର ବନଖଣ୍ଡ ଅଧୀନରେ ଥିବା ରାଜନଗର ଓ ମହାକାଳପଡ଼ା ରେଞ୍ଜ ଅଧୀନରେ ରହି ଆସିଥିବା ଉଭୟ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ କୁମ୍ଭୀର ଓ ବାର୍ହା ଆତଙ୍କ ଲାଗି ରହିଥିବାବେଳେ ଏହାକୁ ନେଇ ଜଙ୍ଗଲ ବିଭାଗ ବେଫିକର ଥିବାରୁ ଲୋକଙ୍କ ଜୀବନ ଓ ଜୀବିକା ପ୍ରତି ଏହା ବିପଦର କାରଣ ହୋଇଛି। ଭିତରକନିକା ଅଭୟାରଣ୍ୟ ପରିସୀମା ମଧ୍ୟରେ ଥିବା ଜଙ୍ଗଲ ଓ ନଦୀନାଳ ମଧ୍ୟରେ ବାସ କରୁଥିବା ଉଭୟ ବାର୍ହା ଓ କୁମ୍ଭୀର ବନାଞ୍ଚଳ ବାହାରକୁ ଚାଲିଆସି ଉତ୍ପାତ କରୁଛନ୍ତି। ପଟ୍ଟାମୁଣ୍ଡାଇ ସହରାଞ୍ଚଳର ୱାର୍ଡ ନମ୍ବର ୧, ୨, ଷଣ୍ଢପଲୀ, ୱାର୍ଡ ନଂ ୩, ୪ ତନୁପୁର, ନନ୍ଦିନୀନଗର ୱାର୍ଡ ନଂ ୫, ୬, ୭, ୮ କଷଣଅଣ୍ଟା, ତଳବାଲିପଡ଼ା, ବାଲିପଡ଼ା, ୱାର୍ଡ ନଂ ୯ ନୂଆଗାଁ, କକ୍ଷକୁଡ଼ିପଲ୍ଲୀ, ୱାର୍ଡ ନଂ ୧୨ ଅଲଭା, ବାଲିପାଟଣା ଓ ବାଛରା-ମଣ୍ଡପଡ଼ା ଆଦି ପଞ୍ଚାୟତ ଅଞ୍ଚଳର ବ୍ରାହ୍ମଣୀ ନଦୀ ଅବବାହିକାରେ ଥିବା ହଜାର ହଜାର ଏକର ପାଳ ଜମି ଫସଲ ବାର୍ହା ଖାଇ ଯାଉଥିବାବେଳେ ମୂଳ ତାଡି ନଷ୍ଟ କରିଦେଉଛନ୍ତି। କଟକ-ଚାନ୍ଦବାଲି ମୁଖ୍ୟ ରାସ୍ତା ଉପରକୁ ବେଳେବେଳେ ଚାଲି ଆସୁଛନ୍ତି। ଏମାନେ ମଣିଷଙ୍କୁ ଆକ୍ରମଣ ମଧ୍ୟ କରୁଛନ୍ତି। ଗତ ବନ୍ୟା ସମୟରେ ଏକ ବାର୍ହା ଜଣେ ବ୍ୟକ୍ତିଙ୍କ ଘରେ ପଶି ତାଙ୍କ ଡାହାଣ ହାତ ପାପୁଲିରୁ ବୃଦ୍ଧାଙ୍ଗୁଷ୍ଠିଙ୍କୁ କାମୁଡି ଛିଣ୍ଡାଇ ନେଇଥିଲା।

ସେହିପରି ବ୍ରାହ୍ମଣୀ ନଦୀ ଓ ଏହାର ଶାଖା ନାଳରେ କୁମ୍ଭୀର ବଂଶ ବୃଦ୍ଧି ପାଇବାରେ ଲାଗିଛି। ଚଳିତବର୍ଷ ଭିତରକନିକା ଅଭୟାରଣ୍ୟ ପରିସୀମାରେ ୧୮୫୮ କୁମ୍ଭୀର ଥିବା ଗଣନା କରି ଜଙ୍ଗଲ ବିଭାଗ କାମ ସାରିଦେଇଛି। ବ୍ରାହ୍ମଣୀ, କାଣୀ, ପଟ୍ଟାମୁଣ୍ଡାଇ ସହରାଞ୍ଚଳ ଦେଇଯାଇଥିବା ବ୍ରାହ୍ମଣୀ ଶାଖା ବାଛରା ନାସୀ, କଷଣଅଣ୍ଟା, ବଳଦେବନଗର, ତଳବକ୍ଷଲିପଡ଼ା, ବାଲିପଡ଼ା, ନୂଆଗାଁ, କକ୍ଷକୁଡ଼ିପଲ୍ଲି, ଅଳଭା ଆଦି ପାଟନାଳିରେ ସଂଖ୍ୟାଧିକ କୁମ୍ଭୀରଙ୍କ ଉପସ୍ଥିତି ଲୋକଙ୍କ ନିଦ ହଜାଇଦେଇଛି।

ନିକଟରେ ପଟ୍ଟାମୁଣ୍ଡାଇ-ରାଜନଗର ବନ୍ୟାବନ୍ଧ ଦେଇ ଅଳଭା ଗ୍ରାମର ପୋଖରୀରେ ପଶିଥିବା ବିରାଟକାୟ କୁମ୍ଭୀରକୁ ଲୋକେ ଜାଲ ପକାଇ ଧରି ଜଙ୍ଗଲ ବିଭାଗକୁ ହସ୍ତାନ୍ତର କରିଥିଲେ। କଷଣଅଣ୍ଟା ପାଟନାଳୀ ନିକଟରେ ଛେଳି ଚରାଉଥିବା ଜଣେ ବ୍ୟକ୍ତିକୁ କୁମ୍ଭୀର ଝାମ୍ପ ମାରିଥିବାବେଳେ ସେ ଅଳ୍ପକେ ବର୍ତ୍ତିଯାଇଥିଲେ। ଏକ ବିରାଟକାୟ କୁମ୍ଭୀର ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲ ମଧ୍ୟକୁ ଚାଲି ଆସିଥିବାବେଳେ ଜଙ୍ଗଲ ବିଭାଗ ଏହାକୁ ଧରିବାରେ ବିଫଳ ହୋଇଛି। ସେହିପରି ଗୋବରୀ ନଦୀ, କଣ୍ଟାବଣ ହାଟ ମଧ୍ୟଦେଇ ଯାଇଥିବା ଲୁଣାନଦୀରେ କୁମ୍ଭୀରଙ୍କ ଉତ୍ପାତ ଲୋକଙ୍କୁ ଭୟଭୀତ କରିଛି।

ବ୍ରାହ୍ମଣୀନଦୀ ଅବବାହିକାରେ ଥିବା ତରଡିପାଳ, ପେଣ୍ଠପାଳ, ଅଳପୁଆ, ଅଣ୍ଡରା, ଅମୃତମଣୋହି, ସିଂହଗାଁ, ବଲୁରିଆ, ନୀଳକଣ୍ଠପୁର, ବାଲିପାଟଣା, ବକ୍ଷଛରା-ମଣ୍ଡପଡ଼ା, ଶାସନ, ଶ୍ରୀରାମପୁର ଆଦି ପଞ୍ଚାୟତ ଓ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ଷଣ୍ଢପଲ୍ଲୀ, ତନୁପୁର, ନନ୍ଦିନୀନଗର, କଷଣଅଣ୍ଟା, ତଳବାଲିପଡ଼ା, ବଳଦେବନଗର, ବାଲିପଡ଼ା ଆଦି ଗ୍ରାମରେ କୁମ୍ଭୀର ଆତଙ୍କ ଲାଗି ରହିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପଟ୍ଟାମୁଣ୍ଡାଇ ଅଞ୍ଚଳରୁ କୁମ୍ଭୀର ଓ ବାର୍ହାଙ୍କୁ ନ ହଟାଇଲେ ଜୀବନ ଓ ଜୀବିକାର ସୁରକ୍ଷା ପାଇଁ ଜନଆନ୍ଦୋଳନ କରାଯିବ ବୋଲି ବରିଷ୍ଠ କାଉନସିଲର ମଳୟ ଓଝା ଜଙ୍ଗଲ ବିଭାଗକୁ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବନ ବିଭାଗର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ମନୋଜ ପ୍ରଧାନଙ୍କୁ ଉଦୟ ଇଣ୍ଡିଆ ପ୍ରତିଭା ସମ୍ମାନ



ଡେରାବିଶ,୭।୨(ସମିସ): ଦିଲ୍ଲୀରୁ ପ୍ରକାଶିତ ଉଦୟ ଇଣ୍ଡିଆ ପତ୍ରିକା ପକ୍ଷରୁ ବିକଶିତ ଓଡ଼ିଶା ଭିଜନକୁ କେନ୍ଦ୍ରକରି ଆୟୋଜିତ ଜାତୀୟ ସମ୍ମିଳନୀରେ ଦାନପୁର ପଞ୍ଚାୟତ କେଶରପୁରସ୍ଥ କଳିଙ୍ଗ ଆବାସିକ ବିଦ୍ୟାଳୟର ପ୍ରତିଷ୍ଠାତା ଶିକ୍ଷାବିତ୍ ମନୋଜ ପ୍ରଧାନଙ୍କୁ ଉଦୟ ଇଣ୍ଡିଆ ସମ୍ମାନ ପ୍ରଦାନ କରାଯାଇଛି। ଭୁବନେଶ୍ୱରସ୍ଥ ସ୍ୱସ୍ତି ପ୍ରିମିୟମରେ ଆୟୋଜିତ ଉତ୍ସବରେ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମତ୍ସ୍ୟ ପଶୁ ସମ୍ପଦ ଉନ୍ନୟନ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ନାୟକ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଅତିଥି ଭାବେ ଯୋଗଦେଇ ଶ୍ରୀ ପ୍ରଧାନଙ୍କୁ ସମ୍ମାନିତ କରିଛନ୍ତି। ଉଦୟ ଇଣ୍ଡିଆର ସମ୍ପାଦକ ଦୀପକ ରଥ ଯୋଗ ଦେଇଥିଲେ। ବଦନୀଦେବୀ ଚାରିଟେବୁଲ୍ ଟ୍ରଷ୍ଟ ଆନୁକୂଲ୍ୟରେ ଟ୍ରଷ୍ଟର ମୁଖ୍ୟ ମନୋଜ ପ୍ରଧାନଙ୍କ ଦ୍ୱାରା କଳିଙ୍ଗ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇ ଶିକ୍ଷାଦାନ ସହିତ ଉତ୍ତମ ନାଗରିକ ଗଠନ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରିଲିଫ୍ ବଣ୍ଟନ, ଗୋମାତାଙ୍କ ସେବା ଆଦି ବିଭିନ୍ନ ସାମାଜିକ କାର୍ଯ୍ୟ କରି ଅଞ୍ଚଳରେ ପ୍ରିୟଭାଜନ ହୋଇଥିଲେ।

# କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା



ପଞ୍ଚୁପାଣ୍ଡବ,୭।୨(ସମିସ): ମେଧାବୃତ୍ତି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଡେରାବିଶ ବ୍ଲକ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ହଳଦିଆପାଟଣା ପ୍ରାଥମିକ ବିଦ୍ୟାଳୟର ତୃତୀୟ ଶ୍ରେଣୀ ଛାତ୍ର ରିଦ୍ଧିମାନ ପରିଡ଼ାଙ୍କୁ ବିଦ୍ୟାଳୟରେ ସମ୍ବର୍ଦ୍ଧିତ କରାଯାଇଛି। ଏହି ଛାତ୍ରଙ୍କୁ ରାମଚଣ୍ଡୀ ଶିକ୍ଷା ନିକେତନ ଛୋଟି କ୍ଲଷ୍ଟରର ସିଆରସିସି ତ୍ରିଲୋଚନ ମଲ୍ଲିକ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବିଚିତ୍ର ମାଳିନୀ ସାହୁ, ମୁକୁନ୍ଦ ଦାସ ଓ ସତ୍ୟରଞ୍ଜନ ବଳ ଉପସ୍ଥିତ ଥିଲେ।

# ରାମଚଣ୍ଡୀ ଶିକ୍ଷା ନିକେତନର ବାର୍ଷିକ ଉତ୍ସବ

ପଞ୍ଚୁପାଣ୍ଡବ,୭।୨(ସମିସ): ଡେରାବିଶ ବ୍ଲକ୍ ଛୋଟି ପଞ୍ଚାୟତ ଅନ୍ତର୍ଗତ ରାମଚଣ୍ଡୀ ନୋଡାଲ ଶିକ୍ଷା ନିକେତନରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ତପସ୍ୱିନୀ ମଲିକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ସ୍ୱତନ୍ତ୍ର ସଚିବ ସୁଦର୍ଶନ ପରିଡ଼ା ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ନିର୍ଦ୍ଦେଶକ ଶରତ ସାମଲ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଦୀପ ନାୟକ, ପଞ୍ଚସଖା ସଭାପତି ପ୍ରଭାତ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭାଗବତ ମଲ୍ଲିକ, ବ୍ଲକ ଅଧ୍ୟକ୍ଷା ପ୍ରଭାତୀ ମଲିକ, ସରପଞ୍ଚ ରଜନୀ ମଲିକ, ସିଆରସିସି ତ୍ରିଲୋଚନ ମଲ୍ଲିକ ଯୋଗ ଦେଇଥିଲେ। ଏ ଅବସରରେ ବାର୍ଷିକ କ୍ରୀଡା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶିକ୍ଷକ, ଶିକ୍ଷିତ୍ରୀ ମାନେ ସହଯୋଗ କରିଥିବାବେଳେ ଶିକ୍ଷକ ସତ୍ୟରାମ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

● ପ୍ରଶାସନ ଛାଟରେ ଭାଙ୍ଗିଲା ଗ୍ୟାସ୍ ଏଜେନ୍ସିର ମୁହଁ ଫୁଟାଣି

# ହିତାଧିକାରୀଙ୍କୁ ମିଳିଲା ନୂଆ ଗ୍ୟାସ

ମହାକାଳପଡ଼ା,୭।୨(ସମିସ): ପ୍ରଶାସନ ଛାଟରେ ଗ୍ୟାସ୍ ଏଜେନ୍ସି ହିତାଧିକାରୀଙ୍କୁ ଦେଖାଉଥିବା ମୁହଁ ଫୁଟାଣି ଭାଙ୍ଗିଛି। ଯେଉଁ ଏଜେନ୍ସି ହିତାଧିକାରୀଙ୍କୁ ଗ୍ୟାସ୍ ପ୍ରଦାନରେ ବିଳମ୍ବ ଓ ଭଲ ଚୁଲା ପାଇଁ ୧୮୦୦ ଟଙ୍କା ଦାବି କରୁଥିଲା, ସେହି ଏଜେନ୍ସି ପ୍ରଶାସନ ପକ୍ଷରୁ ଚଢ଼ଉ ପରେ ହିତାଧିକାରୀଙ୍କୁ ନୂଆ ଗ୍ୟାସ୍ ପ୍ରଦାନ କରିଛି।



ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଦେଉଳପଡା ପଞ୍ଚାୟତ ଅଧୀନସ୍ଥ ଚଣ୍ଡିଆପଲ୍ଲୀ ଗ୍ରାମର ତରଙ୍ଗିଣୀ ପରିଡ଼ା ଉଜ୍ଜ୍ୱଳା ଯୋଜନାରେ ମାଗଣା ଗ୍ୟାସ୍ ପାଇଁ ମହାକାଳପଡ଼ାଠାରେ ଥିବା ଏମଏସ ସ୍ୱସ୍ତିଦୀପ ଏଚପି ଗ୍ୟାସ ଏଜେନ୍ସିରେ ଆବେଦନ କରିବା ପରେ ତାଙ୍କ ନାମରେ ଗ୍ୟାସ୍ ଅନୁମୋଦନ ହୋଇଥିଲା। ଦୀର୍ଘଦିନ ଗ୍ୟାସ୍ କାର୍ଯ୍ୟାଳୟ ଦୌଡ଼ି ଦୌଡ଼ି ମଧ୍ୟ ତାଙ୍କୁ ଏଜେନ୍ସି ଗ୍ୟାସ୍ ପ୍ରଦାନ କରୁ ନ ଥିଲା। ଏ ନେଇ ତରଙ୍ଗିଣୀଙ୍କ ପୁଅ ପବିତ୍ର କାର୍ଯ୍ୟାଳୟରେ କର୍ମଚାରୀଙ୍କୁ ପଚାରିଥିଲେ। ଯୋଜନା ଅଧୀନରେ ଯେଉଁ ଗ୍ୟାସ୍ ଚୁଲା ମିଳୁଛି ତାହାକୁ ନ ଦେଇ ଭଲ ଗ୍ୟାସ୍ ଚୁଲା ଦେବାକୁ କହି ୧୮୦୦ ଟଙ୍କା ଦେବାକୁ ଏଜେନ୍ସି କର୍ମଚାରୀ ଦାବି କରିଥିଲେ। ପବିତ୍ର ଏହାକୁ ବିରୋଧ କରିବାରୁ କର୍ମଚାରୀ ଜଣଙ୍କ ତାଙ୍କ ମାଲିକଙ୍କ ସହିତ କଥା ହେବାକୁ କହିଥିଲେ। ଏ ନେଇ ପବିତ୍ର ଜାନୁଆରୀ ୧୬ ତାରିଖରେ ଗଣମାଧ୍ୟମ ଆଗରେ ଅଭିଯୋଗ କରିଥିଲେ। କେବଳ ସେତିକି ନୁହେଁ ଏଜେନ୍ସି ମାଲିକ ପବିତ୍ରଙ୍କୁ କଟୁ କଥା କହିବା ସହିତ ଗ୍ୟାସ ଦେବେନାହିଁ ବୋଲି କହିଥିବା ପବିତ୍ର ଅଭିଯୋଗ ଆଣିଥିଲେ। ଘଟଣାକୁ ୧୮ ଦିନ ବିତିଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କିମ୍ବା ଜିଲ୍ଲା ଯୋଗାଣ ଅଧିକାରୀଙ୍କ ପକ୍ଷରୁ କୌଣସି ତତ୍ପରତା ଦେଖିବାକୁ ମିଳି ନ ଥିଲା। ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ଓ ଖବର ପ୍ରକାଶ ପରେ କଡ଼ ଲେଉଟାଇଲା ପ୍ରଶାସନ। ଜିଲ୍ଲା ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀଙ୍କ ନିର୍ଦ୍ଦେଶରେ ଜିଲ୍ଲା ଯୋଗାଣ ବିଭାଗ କର୍ମଚାରୀଙ୍କ ସହିତ ମହାକାଳପଡ଼ା ଯୋଗାଣ ନିରୀକ୍ଷକ ଶିବପ୍ରସାଦ ମହାନ୍ତିଙ୍କୁ ନେଇ ଗୁରୁବାର ଡିପୋରେ ଚଢ଼ଉ କରି ଟିକିନିଖି ତଦନ୍ତ କରିଥିଲେ। ଡିପୋରେ ଥିବା ଗ୍ୟାସ ଗଚ୍ଛିତ ତାଲିକା, ମରାମତି କରାଉଥିବା କର୍ମଚାରୀଙ୍କ ବିବରଣୀ, ଗ୍ୟାସ୍ ହିତାଧିକାରୀଙ୍କ ସୂଚନା, ଦସ୍ତାବିଜ୍ ଆଦି ତନଖି କରିଥିଲେ। ଖାଉଟିଙ୍କ ସୂଚନା ନିମନ୍ତେ ଯୋଜନା ସମ୍ପର୍କିତ ସୂଚନା ନ ଥିବାବେଳେ ନୋଟିସ୍ ବୋର୍ଡରେ ପୁରୁଣା ନୋଟିସ ଲାଗିଥିବା ଘଟଣାରେ ଏଜେନ୍ସି କର୍ମଚାରୀଙ୍କ ଉପରେ ବର୍ଷିଥିଲେ ଅଧିକାରୀ। ପରେ ସମସ୍ତଙ୍କ ଉପସ୍ଥିତିରେ ପବିତ୍ରଙ୍କୁ ନୂତନ ଗ୍ୟାସ ସରଞ୍ଜାମ ପ୍ରଦାନ କରାଯାଇଥିଲା।

# ଏସ୍‌ଏନ୍ କଲେଜର ବାର୍ଷିକ ଉତ୍ସବ 'କନିକାୟନ'



ରାଜକନିକା,୭।୨(ସମିସ): ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟର ୫୦ତମ ବାର୍ଷିକ ଉତ୍ସବ "କନିକାୟନ' ଅଧ୍ୟକ୍ଷ ପ୍ରଫେସର ଉପେନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର, ମୁଖ୍ୟବକ୍ତା ଭାବେ ଓଡ଼ିଆ ସାହିତ୍ୟ ସମାଜ ସଭାପତି ତଥା ଲେଖକ ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ସମ୍ମାନିତ ଅତିଥି ଭାବେ ଆଳିର ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ, ରାଜକନିକା ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତୀ ରାଉତ, କନିକା ତହସିଲଦାର ଭାନୁମତୀ ମାଝୀ, ବିଡିଓ କୈଳାସ ଚନ୍ଦ୍ର ମାହାଳିକ ପ୍ରମୁଖ ଯୋଗଦେଇ ଏହି ମହାବିଦ୍ୟାଳୟ ଆଜି ରାଜ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି କହିଥିଲେ। ପ୍ରଶାସନିକ ଅଧିକାରୀ ଡ. ଫକୀର ପ୍ରଧାନ ଅତିଥି ପରିଚୟ, ଛାତ୍ର ସଂସଦର ଉପଦେଷ୍ଟା ଡ. ପ୍ରଦୀପ ଦାସ ବାର୍ଷିକ ବିବରଣୀ ପାଠ ଓ ସରକାରୀ ଉପଦେଷ୍ଟା ଡ. ଅଜୟ କୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ମହାବିଦ୍ୟାଳୟର ମୁଖପତ୍ର 'କନିକା' ଉନ୍ମୋଚନ କରାଯାଇଥିବାବେଳେ ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଡ. ସଂଜୀବ ଦାଶ, ଡ. ମିର୍ଜା ଇବ୍ରାହିମ ବେଗ, ଅନୁପ ମଲ୍ଲିକ, କାହ୍ନୁଚରଣ ପଡ଼ିଆରୀ, ସଞ୍ଜୟ ମହାନ୍ତି, ପ୍ରଯୁକ୍ତା ପ୍ରିୟଦର୍ଶିନୀ, ଜୟନ୍ତ ମଥାନ, ଲକ୍ଷ୍ମଣ ସାହୁ, ଦେବଦାସ ପ୍ରଧାନ, ଅମିତାଭ କରଣ, କେଶବ ସେଠୀ, ବିଶ୍ୱଭୂଷଣ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜାଗୁଲେଇପଡ଼ା-ଦେଶପୁର ବିଦ୍ୟାନିକେତନର କ୍ରୀଡ଼ା



ଡେରାବିଶ,୭।୨(ସମିସ): ବାଲିଆ ପଞ୍ଚାୟତ ଅନ୍ତର୍ଗତ ଜାଗୁଲାଇପଡ଼ା-ଦେଶପୁର ବିଦ୍ୟା ନିକେତନ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଆୟୋଜିତ ହୋଇଯାଇଛି। ଏହି ଦୁଇଦିନିଆ କ୍ରୀଡ଼ାର ଉଦ୍‌ଯାପନୀ ଉତ୍ସବରେ ଶିକ୍ଷକ ଅତୁଲ୍ୟ ରଥଙ୍କ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଶ୍ରୀମନ୍ତ ରାଉତରାୟ, ମୁଖ୍ୟବକ୍ତା ଶିକ୍ଷାବିତ୍ ନରେନ୍ଦ୍ର ପରିଡ଼ା, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷୟିତ୍ରୀ କୌଶଲ୍ୟା ପାତ୍ର, ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପଲତା ପ୍ରଧାନ ଯୋଗ ଦେଇଥିଲେ। ଏହି ଅବସରରେ କ୍ରୀଡ଼ା ଓ ଅନ୍ୟାନ୍ୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ସଚ୍ଚିକାନ୍ତ ଦାଶ, ଉମେଶ ସାହୁ, ଶିକ୍ଷୟିତ୍ରୀ ସୁଜାତା ନାୟକ, କୁନି ବେଦାନ୍ତ, ଉର୍ମିଳା ଦଳାଇ, ସରିତା ବେହେରା, ରଶ୍ମିତା ବେଦାନ୍ତଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ଅଢ଼ଙ୍ଗା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ଡେରାବିଶ,୭।୨(ସମିସ): ଡେରାବିଶ ଶିକ୍ଷା ସର୍କଲ ଅଧୀନ ପଲେଇ ପଞ୍ଚାୟତ ଅନ୍ତର୍ଗତ ଅଢଙ୍ଗା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାରେ ପ୍ରଧାନଶିକ୍ଷୟିତ୍ରୀ ଝୁମିନା ମଣ୍ଡଳ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସହକାରୀ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ, ମୁଖ୍ୟବକ୍ତା ଏବିଇଓ ସଚ୍ଚିକାନ୍ତ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ବିଆରସିସି ଦେବଦତ୍ତ ଶତପଥୀ, ନୋଡାଲ ସିଆରସିସି ସୁବାସ ପଣ୍ଡା, ମଲ୍ଲିକେଶ୍ୱର ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ବେହେରା, ପଲେଇ ସରପଞ୍ଚ ଅକ୍ଷୟ ସାହୁ, ଶିକ୍ଷକ ସର୍ବେଶ୍ୱର ନାଥ, ତପନ ସ୍ୱାଇଁ, ଶିକ୍ଷୟିତ୍ରୀ ରୀତାଞ୍ଜଳି ମିଶ୍ର, ଅଜୟ ଦାସ ପ୍ରମୁଖ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଏଥିସହ ତୃତୀୟ ବୃତ୍ତି ପରୀକ୍ଷାର କୃତୀ ଛାତ୍ରୀ ଋତୁପର୍ଣ୍ଣା ସାହୁ ଓ ଗାୟତ୍ରୀ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଜିତେନ୍ଦ୍ର ମଲିକ ଧନ୍ୟବାଦ ଅର୍ପଣ କରିଥିଲେ। ମୋ ସ୍କୁଲ କମିଟି ସଭାପତି ବିଜୟ ପ୍ରଧାନ, ୱାର୍ଡସଭ୍ୟା ପଦ୍ମାବତୀ ନାଥ ଓ ମମତା ସାମଲମ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଅଷ୍ଟଶମ୍ଭୁ ସଂସ୍କୃତ କଲେଜରେ ଜିଲ୍ଲାସ୍ତରୀୟ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ

ରାଜନଗର,୭।୨(ସମିସ): ରାଜନଗର ବ୍ଲକ କୁରୁଣ୍ଟି ପଞ୍ଚାୟତସ୍ଥ ଚନ୍ଦ୍ରଶିଖର ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଜିଲ୍ଲା ସଂସ୍କୃତ କଲେଜ ସଂଘ ପକ୍ଷରୁ ଆୟୋଜିତ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଯାପିତ




ହୋଇଛି। ଏଥିରେ ୨୩ଟି ସଂସ୍କୃତ କଲେଜ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷ ସର୍ବେଶ୍ୱର ଲେଙ୍କାଙ୍କ ଅଧ୍ୟକ୍ଷତାରେ ପରିଚାଳିତ ସଭାରେ ମୁଖ୍ୟଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡଃ ବସନ୍ତ ମିଶ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ରାଜକିଶୋର ପାଣି ବେଦ ପାଠ କରିଥିଲେ। ମୁଖ୍ୟବକ୍ତା ଭାବେ ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳୟର ପୂର୍ବତନ ପରୀକ୍ଷା ନିୟନ୍ତ୍ରକ, ସମ୍ମାନିତ ବକ୍ତା ଭାବେ ତହସିଲଦାର ଯୀଶୁଖ୍ରୀଷ୍ଟ ଦାସ ଯୋଗଦେଇ ସଂସ୍କୃତ ଭାଷାରେ ରଚିତ ବହୁ ପ୍ରାଚୀନ ଗ୍ରନ୍ଥ ଭାରତୀୟ ସଂସ୍କୃତି ଓ ପରମ୍ପରାର ସ୍ୱାକ୍ଷରବହନ କରିଛି। ସାହିତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶ କରିଥାଏ ଓ କ୍ରୀଡ଼ା ସୁସ୍ଥ ତଥା ନିରାମୟ ଶରୀର ଗଠନ କରିଥାଏ ବୋଲି ମତ ଦେଇଥିଲେ। କେନ୍ଦ୍ରାପଡ଼ା ସଂସ୍କୃତ ସଂଘ ସଭାପତି ସୁକାନ୍ତ ଦାସ, ଉପଦେଷ୍ଟା ଡଃ ଜନ୍ମେଜୟ ଶତପଥୀ, ସଂଘ ସମ୍ପାଦକ ଅକ୍ଷୟ ବେହେରା, ପ୍ରାଧ୍ୟାପକ ଅକ୍ଷୟ ମିଶ୍ର ଯୋଗଦେଇଥିଲେ। ସଂସ୍କୃତ କଲେଜରୁ ଅବସର ନେଇଥିବା ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୨୦୨୫ରେ କେନ୍ଦ୍ରାପଡ଼ା ଜିଲ୍ଲା ସଂସ୍କୃତ କଲେଜରୁ ଅବସର ନେଇଥିବା ଅଧ୍ୟକ୍ଷ, ଅଧ୍ୟାପକ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ପୂର୍ବରୁ ଅବସର ନେଇଥିବା ଦୁଇଜଣ ସଂସ୍କୃତ ବିଦ୍ୱାନ ପ୍ରାଧ୍ୟାପକ ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ ଅକ୍ଷୟ ମିଶ୍ର ଓ ପ୍ରାଧ୍ୟାପକ ସୁକାନ୍ତ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ପ୍ରଦୀପ ପାଲ ଅତିଥି ପରିଚୟ ପ୍ରଦାନ ଓ ଅଧ୍ୟାପକ ସତୀଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ବୈକୁଣ୍ଠ ବିହାରୀ ବଳ, ଅଧ୍ୟାପକ ପ୍ରଫୁଲ୍ଲ ପ୍ରଧାନ, ଅଧ୍ୟାପକ ବିଶ୍ୱମ୍ଭର ତ୍ରିପାଠୀ, ଅଧ୍ୟାପିକା ଭଗବତୀ ରାଉତ, ଅଧ୍ୟାପିକା ତନୁଶ୍ରୀ ମିଶ୍ର, ରମାକାନ୍ତ ରାଉତ ଓ ନାରାୟଣ ପ୍ରଧାନ ପରିଚାଳନାରେ ସହାୟତା କରିଥିଲେ।

# ସିଦ୍ଧଭାରତୀ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ

ମାର୍ଶାଘାଇ,୭।୨(ସମିସ): ମାର୍ଶାଘାଇ ବ୍ଲକ କୁହୁଡ଼ି ସିଦ୍ଧଭାରତୀ ବିଦ୍ୟାମନ୍ଦିର ୧୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ବୋଡର୍ ସଭାପତି ମଦନମୋହନ ବିଶ୍ୱାଳଙ୍କ ପୌରୋହିତରେ ମୁଖ୍ୟଅତିଥି ସମାଜସେବୀ ଚିତ୍ତରଞ୍ଜନ ଦାସ, ମୁଖ୍ୟବକ୍ତା ପ୍ରଫେସର ଦେବାଶିଷ ନାୟକ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ସମାଜ ଗଠନ ପାଇଁ ବ୍ରତୀ ହେବା ସହ ଭଲ ମଣିଷ ହେବାକୁ ଶୃଙ୍ଖଳା, ସମର୍ପଣ ଓ ଅଙ୍ଗୀକାରବଦ୍ଧ ହେବା ଉଚିତ ବୋଲି ମତବ୍ୟକ୍ତ କରିଛନ୍ତି।

ପ୍ରଧାନଶିକ୍ଷକ ମଧୁସୁଦନ ମୁଦୁଲି ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ନିର୍ମଳ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଙ୍କିତା ଦାଶ, ନମିତା ପାଣି, ଶ୍ୟାମା ଦୀପାଳି ଦାସ, ଲିପ୍‌ସା ନାୟକ, ପୂର୍ଣ୍ଣିମା ଖଟୁଆ, ଭାରତୀ ମହାନ୍ତି, ନେହା ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଆଦିତ୍ୟ, ଉତ୍କଳିକା, ଶ୍ରେୟା, ହିରଣ୍ମୟୀ, ସ୍ଥିତପ୍ରଜ୍ଞା, ଆଦର୍ଶ ବିଦ୍ୟାଳୟ ପ୍ରାପ୍ତ ଜନ୍ମେଜୟ ସାମଲଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭ୍ୟ ଶ୍ରୀକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଜିରେ ଲାଗିଛି କୁନି ପିଲାଙ୍କ ଜୀବନ

# ଜରାଜୀର୍ଣ୍ଣ ଅବସ୍ଥାରେ ଗୋପାଳପୁର ପ୍ରାଥମିକ ବିଦ୍ୟାଳୟ

ପଟ୍ଟାମୁଣ୍ଡାଇ,୭।୨(ସମିସ): ଆବଶ୍ୟକ ଶ୍ରେଣୀ ଗୃହ ନ ଥିବାରୁ ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯେତିକି ଅଛି ସେ ବି ଦରଭଙ୍ଗା। ଦୀର୍ଘବର୍ଷ ହେବ ଶ୍ରେଣୀଗୃହ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିଥିବାବେଳେ ନିରବଦ୍ରଷ୍ଟା ସାଜିଛି ପ୍ରଶାସନ। ପଟ୍ଟାମୁଣ୍ଡାଇ ବ୍ଲକ ଧୋୟାଞ୍ଚଳର ତରଡ଼ିପାଳ ପଞ୍ଚାୟତର ଗୋପାଳପୁର ପ୍ରାଥମିକ ବିଦ୍ୟାଳୟ କ୍ଷେତ୍ରରେ ଏହା ଦେଖିବାକୁ ମିଳିଛି। ଆବଶ୍ୟକ ଶ୍ରେଣୀ ଗୃହ ନ ଥିବାରୁ ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯେତିକି ଅଛି ସେ ବି ଦରଭଙ୍ଗା ଅବସ୍ଥାରେ ରହିଛି। କାନ୍ଥରେ ଶିଉଳି ଲାଗିଲାଣି। ଅନେକ ଜାଗାରେ କାନ୍ଥ ଫାଟି ଆଁ କରିଛି। ଆଜବେଷ୍ଟସ୍ ପବନରେ ଉଡ଼ି ଭାଙ୍ଗିଗଲା ପରେ




ମରାମତି କରିବାକୁ ଭୁଲିଯାଇଛି ପ୍ରଶାସନ। କବାଟ ଝରକା ଅବସ୍ଥା ନ କହିବା ଭଲ। ସବୁ ଦରଭଙ୍ଗା ଅବସ୍ଥାରେ ରହିଛି। ଶିଶୁ ବାଟିକାଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପାଇଁ ରହିଛି ମାତ୍ର ଗୋଟିଏ ଶ୍ରେଣୀଗୃହ। ବିକଳ୍ପ ବ୍ୟବସ୍ଥା ମଧ୍ୟ କିଛି ନାହିଁ। ନିରୂପାୟ ହୋଇ ବିପଦସଙ୍କୁଳ ଅବସ୍ଥାରେ ଥିବା ଶ୍ରେଣୀଗୃହରେ ବସୁଛନ୍ତି ପିଲା। କେବେ ଶିକ୍ଷା ବିଭାଗର ନିଦ ଭାଙ୍ଗିବ ? ଅଘଟଣ ଘଟିଲେ କିଏ ଦାୟୀ ରହିବ ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ତୁରନ୍ତ ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗ ଏହି ପ୍ରାଥମିକ ବିଦ୍ୟାଳୟ ପାଇଁ ନୂତନ ଘର ନିର୍ମାଣ ପାଇଁ ସାଧାରଣରେ ଦାବି ହୋଇଛି।

## ଉଦ୍ୟାନ ଅଙ୍ଗନବାଡି ମରାମତିରେ ଦୁର୍ନୀତି ଅଭିଯୋଗ

# କେବଳ ରଙ୍ଗ ମାରି ନେଇଗଲେ ୨ ଲକ୍ଷ

ରାଜନଗର, ୭।୨(ସମିସ)

ବାତ୍ୟା ଦାନାରେ ବିଲଡିଂ କ୍ଷତିଗ୍ରସ୍ତ ହୋଇଥିବା ଦର୍ଶାଇ ଅର୍ଥ ଆସିଲା। ମାତ୍ର ବିଲଡିଂ ପୂର୍ବରୁ ଯେପରି ଥିବା ଏବେବି ସେମିତି ଭଗ୍ନ ଅବସ୍ଥାରେ ଅଛି। କେବଳ ଫାଟ ଉପରେ ରଙ୍ଗ ମାରି ସରକାରୀ ଟଙ୍କା ଲୁଟି ନିଆଯାଇଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବିଭାଗୀୟ କାର୍ଯ୍ୟାଦେଶ ନାଁରେ ଯନ୍ତ୍ରୀ କେବଳ ରଙ୍ଗ ମାରି ମରାମତି ବାବଦ ସମସ୍ତ ସରକାରୀ ଟଙ୍କା ଲୁଟ୍ କରିଥିବା ଅଭିଯୋଗ ହୋଇଛି।

ରାଜନଗର ବ୍ଲକ୍ ବାଘମାରି ପଞ୍ଚାୟତର ଉଦ୍ୟାନ ଅଙ୍ଗନବାଡି କେନ୍ଦ୍ର ବାତ୍ୟା ଦାନାରେ କ୍ଷତିଗ୍ରସ୍ତ ହୋଇଥିବା ନେଇ ସରକାରୀ ଭାବେ




ଦର୍ଶାଯାଇଥିଲା। ବାସ୍ତବରେ ବାତ୍ୟାରେ ସେମିତି କିଛି କ୍ଷତି ହୋଇ ନ ଥିଲା। ଉଦ୍ୟାନ ଅଙ୍ଗନବାଡି ଗୃହର ମରାମତି ଓ ଉନ୍ନତିକରଣ ପାଇଁ ୨ ଲକ୍ଷ ଟଙ୍କା ଦାନା (୨୦୨୪ -୨୦୨୫ ) ଯୋଜନାରେ ଅର୍ଥ ଆସିଥିଲା। ଅଙ୍ଗନବାଡି ଗୃହର ମରାମତି ସହିତ ଉନ୍ନତିକରଣ କାମ ହୋଇଥା'ନ୍ତା। କେବଳ ରଙ୍ଗ ଘଷିଦେଇ ୨୦୨୫ ଡିସେମ୍ବର ୧ ତାରିଖରେ ୧ ଲକ୍ଷ ୯୧ ହଜାର ୮୭୭ ଟଙ୍କା କନିଷ୍ଠ ଯନ୍ତ୍ରୀ ଉଠାଇ ନେଇଛନ୍ତି। ପୂର୍ବରୁ ଅଙ୍ଗନବାଡି ଗୃହରେ ଯେପରି ଫାଟ ଥିଲା, ସେପରି ଫାଟ ରହିଛି। ଆଦୌ ସିମେଣ୍ଟ କାମ ନ କରି କେବଳ ରଙ୍ଗ ଘଷି ସରକାରୀ ଟଙ୍କା ଉଠାଇ ନେବା ଘଟଣା ଅଞ୍ଚଳରେ ଅସନ୍ତୋଷ ସୃଷ୍ଟି କରିଛି। ଏପରିକି ଅଙ୍ଗନବାଡି ଗୃହ ଝରକା କବାଟରେ ମଧ୍ୟ ରଙ୍ଗ ଦିଆଯାଇନାହିଁ। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ମହାନ୍ତିଙ୍କୁ ପଚାରିବାରୁ ମୋ ପୂର୍ବରୁ ଥିବା ଜେଇ ଅନ୍ୟ ଜିଲ୍ଲାକୁ ବଦଳି ହେବା ପୂର୍ବରୁ ବିଲ ଉଠାଇ ନେଇଛନ୍ତି। କାମ ସମ୍ପର୍କରେ ମୁଁ କିଛି ଜାଣିନାହିଁ। ଲୋକେ ମୋତେ ଏ ସମ୍ପର୍କରେ ଅଭିଯୋଗ କରିଛନ୍ତି ବୋଲି କହିଛନ୍ତି।

